୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27 . No.29 Bhubaneswar Thursday March 6 2025 | ୨୭ତମ ବର୍ଷ ସଂଖ୍ୟା-୨୯ ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୬, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ସୁନା ଚାଲାଣ କରୁଥିଲେ ଡିଜିପିଙ୍କ ସାବତ ଝିଅ, କେମିତି ନାଟକୀୟ ଢଙ୍ଗରେ ଧରାପଡିଲେ ?

ଭୁବନେଶ୍ୱର,୫ ।୩(ପି.ଏନ): କନ୍ନଡ ଅଭିନେତ୍ରୀ ତଥା କର୍ଣ୍ଣାଟକା ଡିଜିପି(ପୁଲିସ ହାଉସିଂ କର୍ପୋରେସନ) କେ ରାମଚନ୍ଦ୍ର ରାଓଙ୍କ ସାବତ ଝିଅ ରନୟା ରାଓଙ୍କ ଖେଳ ଖତମ। ସେ ଚାଲାଇଥିବା ସୁନା ଚୋରା ଚାଲାଣ ରାକେଟର ପରଦାଫାସ ହୋଇଛି। ଡିରେକ୍ଟୋରେଟ ଅଫ ରେଭିନ୍ୟୁ ଇଣ୍ଟେଲିଜେନ୍ସ(ଡିଆରଆଇ) ତାଙ୍କୁ ନାଟକୀୟ ଢଙ୍ଗରେ କେମ୍ପେଗୌଡା ଅନ୍ତର୍ଜାତୀୟ ଏୟାରପୋର୍ଟରୁ ସୋମବାର ରାତିରେ ଗିରଫ କରିଛି। ସେ ପିନ୍ଧିଥିବା ସ୍ୱତନ୍ତ୍ର ବେଲ୍ଟ ଭିତରେ ୧୪ କେଜି ଓଜନର ସୁନା ବାର୍ ରଖିଥିଲେ। ଏୟାରପୋର୍ଟର ପ୍ରସ୍ଥାନ ଗେଟ ଠାରୁ ମାତ୍ର ଗୋଟିଏ ପାଦ ପଛରେ ଥିବା ବେଳେ ଡିଆରଆଇ ଅଧିକାରୀମାନେ ତାଙ୍କୁ ଗିରଫ କରିଛନ୍ତି।ଏକାଧିକ କନ୍ନଡ ଫିଲ୍ମରେ ଅଭିନୟ କରିଥିବା ରନୟା ରାଓ ସୋମବାର ଦୁବାଇରୁ କେମ୍ପେଗୌଡା ଏୟାରପୋର୍ଟରେ ପହଞ୍ଚିଥିଲେ। ସେ ପିନ୍ଧିଥିବା ବେଲ୍ଟରେ ୧୪ କେଜି ଓଜନର ୧୪ଟି ସୁନା ବାର ବେଶ ଗୁପ୍ତ ଭାବେ ଖଞ୍ଜା ହୋଇ ରହିଥିଲା। ସେହିପରି ତାଙ୍କ ପାଖରୁ ୮୦୦ ଗ୍ରାମ ଓଜନର ସୁନା ଅଳଙ୍କାର ମଧ୍ୟ ଜବତ ହୋଇଛି। ଗିରଫ ପରେ ମଙ୍ଗଳବାର ତାଙ୍କୁ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଯାଇଥିଲା।

ମାଜିଷ୍ଟ୍ରେଟ ତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଅଧିକାରୀମାନେ ସନ୍ଦେହ କରୁଛନ୍ତି ଯେ ବେଙ୍ଗାଲୁରୁ ଏୟାରପୋର୍ଟରେ ଚୋରା ସୁନା ଓ ଅନ୍ୟାନ୍ୟ ଜିନିଷ ଚାଲାଣ କରୁଥିବା ସିଣ୍ଡିକେଟ ବା ଗ୍ୟାଙ୍ଗର ସଦସ୍ୟ ହେଉଛନ୍ତି ଅଭିନେତ୍ରୀ ରନୟା। ୩୨ ବର୍ଷୀୟ ରନୟା ଅନେକ କନ୍ନଡ ଓ ତାମିଲ ଫିଲ୍ମରେ ନଜର ଆସିଛନ୍ତି। ସୁଦୀପଙ୍କ ଅଭିନୀତ ମାନିକୟା, ଗଣେଶଙ୍କ ପାଟାକି ଓ ବିକ୍ରମ ପ୍ରଭୁଙ୍କ ୱାଘାରେ ସେ ଅଭିନୟ କରିଛନ୍ତି।






ଡିଆରଆଇ ପକ୍ଷରୁ କ'ଣ କୁହାଯାଇଛି ?

ମହିଳା ଜଣଙ୍କ(ରନୟା) ନିଜ ଦେହରେ ବେଲ୍ଟକୁ ବାନ୍ଧି ଏହା ମଧ୍ୟରେ ୧୪.୨ କେଜି ଓଜନର ସୁନା ବାର ରଖିଥିଲା। ଏହି ସୁନା ବାରଗୁଡିକର ମୂଲ୍ୟ ୧୨.୫୬ କୋଟି ଟଙ୍କା ହେବ। କଷ୍ଟମ ଆକ୍ଟ ୧୯୬୨ ଆଧାରରେ ସେଗୁଡ଼ିକୁ ଜବତ କରାଯାଇଛି। ଏୟାରପୋର୍ଟରୁ ସୁନା ବାର ଜବତ ହେବା ପରେ ମହିଳାଙ୍କ ବେଙ୍ଗାଲୁରୁ ସ୍ଥିତ ଲାଭେଲ୍ଲେ ରୋଡ ବାସଭବନରେ ରେଡ କରାଯାଇଥିଲା। ଏଠାରେ ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କଠ୍ ସହ ରୁହନ୍ତି। ଡିଆରଆଇ ଅଧିକାରଙ୍କ ଯାଞ୍ଚ ବେଳେ ସେଠାରୁ ୨.୦୬ କୋଟି ଟଙ୍କାର ସୁନା ଅଳଙ୍କାର ମିଳିଛି। ସେହିପରି ଘରୁ ନଗଦ ୨.୬୭ କୋଟି ଟଙ୍କା ମିଳିଛି। ଦୁବାଇରୁ ଆସିଥିବା ମହିଳାଙ୍କୁ ଗିରଫ କରି ୧୪ ଦିନ ରିମାଣ୍ଡରେ ଅଣା ଯାଇଛି। ମୋଟ ଉପରେ ୧୭.୨୯ କୋଟି ଟଙ୍କାର ଓ ସୁନେ ଜବତ ହୋଇଛି। ବେଙ୍ଗାଲୁରୁ ଏୟାରପୋର୍ଟରୁ ୧୪.୨ କେଜି ଓଜନର ସୁନା ଜବତ ହେବା ପ୍ରଥମ ଘଟଣା ବୋଲି ଏଜେନ୍ସି କହିଛି। ନିୟମିତ ଗଲ୍ଫ ଦେଶକୁ ଯିବା ସନ୍ଦେହ ସୃଷ୍ଟି କରିଥିଲା

ସୂତ୍ର ଅନୁସାରେ ରନୟା ବେଶ କିଛି ମାସ ହେବ ଡିଆରଆଇର ସର୍ଭ ?ଲାନ୍ସରେ ଥିଲେ। ସେ ବର୍ଷକ ମଧ୍ୟରେ ୧୪ ଥର ବିଦେଶ ଗସ୍ତ କରିଥିବାରୁ ତାଙ୍କ ଉପରେ ଅଧିକାରୀଙ୍କ ନଜର ରହିଥିଲା। ସେହିପରି ଗଲ୍ଫ ଦେଶକୁ ସେ ଖୁବ କମ ଦିନ ପାଇଁ ନିୟମିତ ଭାବେ ଯାଉଥିଲେ। ଏହାବାଦ ତାଙ୍କ ବିଦେଶ ଗସ୍ତ ସମୟରେ ରନୟା ସମାଧରଣର ପୋଷାକ ଓ ବେଲ୍ଟ ପିନ୍ଧି ସବୁବେଳେ ଯାଉଥିଲେ। ଏସବୁ କାର୍ଯ୍ୟକଳାପକୁ ସନ୍ଦେହ ଦୃଷ୍ଟିରେ ଦେଖିଥିଲେ ଅଧିକାରୀ। ତେଣୁ ସୋମବାର ରନୟା ଦୁବାଇରୁ ଫେରୁଥିବାରୁ ତାଙ୍କର ଯାଞ୍ଚ ପାଇଁ ଡିଆରଆଇର ଗୋଟିଏ ଟିମ କେମ୍ପେଗୌଡା ଏୟାରପୋର୍ଟରେ ଡେରା ପକାଇ ବସିଥିଲା।

## ଟ୍ରମ୍ପଙ୍କ ଶୁଳ୍କ ପରେ ଚାଇନାର ଯୁଦ୍ଧ ଧମକ, ଚିନ୍ତାରେ ପୂରା ବିଶ୍ୱ



ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ହେବା ପରେ ଏମିତି ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଉଛନ୍ତି, ଯାହା ପୂରା ବିଶ୍ୱବାସୀଙ୍କୁ ଚିନ୍ତାରେ ପକାଇ ଦେଉଛି। ଏସବୁ ଭିତରେ ଟ୍ରମ୍ପ ମଙ୍ଗଳବାର ଆମେରିକା ସଂସଦକୁ ନିର୍ବାଚନ ଜିତିବା ପରେ ପ୍ରଥମଥର ସମ୍ବୋଧନ କରିଛନ୍ତି। ଏହି ସମୟରେ ସେ ଭାରତ, ଚାଇନା, ମେକ୍ସିକୋ, କାନାଡା ଭଳି ଦେଶ ଉପରେ ରେରିପ୍ରୋକାଲ ଟାରିଫ ବା ପାରସ୍ପରିକ ଶୁଳ୍କ ଲାଗୁ କରାଯିବ ବୋଲି କହିଛନ୍ତି।ଏହା ଏପ୍ରିଲ ମାସରୁ କାର୍ଯ୍ୟକାରୀ ହେବ। ବାସ୍ ? ଟ୍ରମ୍ପଙ୍କ ଟାରିଫ ଚାର୍ଜ ପରେ ଚାଇନା ଖୋଲାଖୋଲି ଭାବେ ଏହାର ଜବାବ ଦେଇଛି। ଦିନକୁ ପୂର୍ବରୁ ଚାଇନା, ମେକ୍ସିକୋ ଓ କାନାଡା ମଧ୍ୟ ଆମେରିକା ଦ୍ରବ୍ୟଗୁଡ଼ିକ ଉପରେ ଶୁଳ୍କ ବୃଦ୍ଧି ସମ୍ପର୍କରେ ଘୋଷଣା କରିଥିଲେ। ଟ୍ରମ୍ପଙ୍କ ପାରସ୍ପରିକ ଶୁଳ୍କ ଘୋଷଣା ପରେ ବେଜିଂ ଶେଷ ଯାଏ ଲ ? ?ଇ କରିବ ବୋଲି କହିଛି। ଆମେରିକା ଚାହୁଁଥିବା ସବୁ ପ୍ରକାରର ଯୁଦ୍ଧ ପାଇଁ ଚାଇନା ପ୍ରସ୍ତୁତ ବୋଲି ବେଜିଂ ପକ୍ଷରୁ କୁହାଯାଇଛି।

## ସିଝିବ ପୁରା ଓଡ଼ିଶା, ଆସନ୍ତା ୫ ଦିନ ଯାଏଁ ତାତିରୁ ମିଳିବନି ତ୍ରାହି

ଭୁବନେଶ୍ୱର,୫ ।୩(ପି.ଏନ): ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା। ଆଉ ତାତିରୁ ମିଳିବନି ତ୍ରାହି। ସିଝିବ ପୁରା ଓଡ଼ିଶା। ହନ୍ତସନ୍ତ ହେବ ଜନ ଜୀବନ। ଆଗାମୀ ୫ ଦିନ ଯାଏଁ ମିଳିବନି ନିସ୍ତାର। ୩୯ ଡିଗ୍ରୀରୁ ୪୦ ଡିଗ୍ରୀ ଛୁଇଁବ ଦିନର ତାପମାତ୍ରା।ହିଁ ଆଜ୍ଞା ପ୍ରଚଣ୍ଡ ଖରା ତେଜରେ ସିଝିବ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲା। ଯେଉଁଭଳି ଭାବରେ ରାଜ୍ୟରେ ଦିନର ତାପମାତ୍ରା ବଢି ଚାଲିଛି ମନେ ହେଉଛି ଆଗକୁ ସ୍ଥିତି ପୁରା ଭୟଙ୍କର ହେବ। କାରଣ ଏବେ ଚାଲିଛି ବସନ୍ତ ଋତୁ। ସାଧାରଣତଃ ଏହି ସମୟରେ ପାହାନ୍ତିଆ ଶୀତ ଅନୁଭୂତ ହୁଏ।ହେଲେ ଏବେଠାରୁ ସ୍ଥିତି ପୁରା ବେହାଲ। ଦିନର ତାପମାତ୍ରା ଛୁଇଁଲାଣି ୪୦ ଡିଗ୍ରୀ ପାଖାପାଖି। ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟରେ ତାତି ଛୁଇଁଛି ୩୯ ଡିଗ୍ରୀ। ଝାରସୁଗୁଡାରେ ଗତକାଲି ସର୍ବାଧିକ ୩୯ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିଲା। ସେହିଭଳି ଅନ୍ୟ ସହରରେ ବି ତାପମାତ୍ରା ଉପରମୁହାଁ ହୋଇଛି।



### ଗେରୁଆ ରଙ୍ଗ ହେବ ସମସ୍ତ ସରକାରୀ ସ୍କୁଲ, ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଜାରି

ଭୁବନେଶ୍ୱର,୫ ।୩(ପି.ଏନ) ବଦଳିବ ସ୍କୁଲ କୋଠାର ରଙ୍ଗ । ଗେରୁଆ ହେବ ସମସ୍ତ ସରକାରୀ ସ୍କୁଲ ।ସମସ୍ତ ସରକାରୀ ସ୍କୁଲ ଏବଂ ପିଏମ୍ ଶ୍ରୀ ସ୍କୁଲ ରଙ୍ଗ ସମାନ କରିବାକୁ ନିର୍ଦ୍ଦେଶ । ଏ ନେଇ ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଲା ଓଏସଇପିଏ ।ସ୍କୁଲ ନିର୍ମାଣ, ମରାମତି ବେଳେ ରଙ୍ଗ ସମାନ କରିବାକୁ ନିର୍ଦ୍ଦେଶ । ଅରେଞ୍ଜ ଟ୍ୟାନ୍ -ଏନ୍ (ଗେରୁବଆ) କରିବାକୁ ଜାରି ହେଲା ନିର୍ଦ୍ଦେଶ । ପୂର୍ବ ସରକାରରେ ସରକାରୀ ବିଲ୍ଡିଂଠାରୁ ଆରମ୍ଭ କରି ସ୍କୁଲର ରଙ୍ଗ ବଦଳିଥିଲା, ଯାହାକୁ ନେଇ ସରକାରଙ୍କୁ ସମାଲୋଚନା ମଧ୍ୟ କରାଯାଇଥିଲା । ସେପରି ବର୍ତ୍ତମାନର ସରକାର ସ୍କୁଲ ରଙ୍ଗ ବଦଳାଇବାର ବିଦ୍ୟାଳୟ ଗଣଶିକ୍ଷା ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି ।ଉଭୟ ରାଜ୍ୟ ଏବଂ କନ୍ଦ୍ରେ ଅନୁଦାନରେ ତିଆରି ହେବ ପିଏମ ଶ୍ରୀ ଏବଂ ବିଦ୍ୟାଳୟ ମରାମତି ।

## ସୁଭଦ୍ରା ଯୋଜନା ନେଇ ଉପମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା, ଆରମ୍ଭ କରାଯିବ ସର୍ଭେ ପ୍ରକ୍ରିୟା




ଭୁବନେଶ୍ୱର,୫ ।୩(ପି.ଏନ): ସୁଭଦ୍ରା ଯୋଜନା ନେଇ ଆଉ ଏକ ନୂଆ ଅପଡେଟ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ବଞ୍ଚିତ ହିତାଧିକାରୀଙ୍କୁ ଖୋଜାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।ପ୍ରଭାତୀଙ୍କର କହିବା ଅନୁସାରେ, ସୁଭଦ୍ରାରୁ ବଞ୍ଚିତ ହିତାଧିକାରୀଙ୍କୁ ଖୋଜାଯିବ । ଘରକୁ ଘର ଯାଇ ସର୍ଭେ କରାଯିବ । ମାର୍ଚ୍ଚ ୩୧ ଆବେଦନ ପ୍ରକ୍ରିୟାକୁ ବନ୍ଦ କରି ସର୍ଭେ କରାଯିବ ବୋଲି ସେ କହିଛନ୍ତି ।ବର୍ତ୍ତମାନ ସୁଦ୍ଧା ସୁଭଦ୍ରା ଯୋଜନାରେ କୋଟିଏ ୮ ଲକ୍ଷ ମହିଳା ଆବେଦନ କରିଛନ୍ତି । ୪ଟି ପର୍ଯ୍ୟାୟରେ କୋଟିଏ ୨୦ ହଜାର ମହିଳାଙ୍କୁ ପ୍ରଥମ କିସ୍ତି ଟଙ୍କା ମିଳିବ। ସର୍ଭେ ପରେ ଯାହା ରହିବ ରକ୍ଷା ବନ୍ଧନରେ ୩ଟି କିସ୍ତି ମିଳିବ ।ତେବେ କହିରଖୁଛୁ କି, ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୁଭଦ୍ରା ଯୋଜନା ନେଇ ସୂଚନା ଦିଆଯାଇଥିଲା । ମହିଳାଙ୍କ ସୁବିଧା ପାଇଁ ୫ମ ପର୍ଯ୍ୟାୟ ସୁଭଦ୍ରା ଯୋଜନା ସହାୟତା ମିଳିବାକୁ ଯାଉଛି ।ଚଳିତ ମାର୍ଚ୍ଚ ୬ ତାରିଖରେ ୧ମ କିସ୍ତି ଏବଂ ମାର୍ଚ୍ଚ ୮ ତାରିଖ (ଅନ୍ତର୍ଜାତୀୟ ମହିଳା ଦିବସ) ରେ ୨ୟ କିସ୍ତି ପ୍ରଦାନ କରାଯିବ। ଏହାଦ୍ୱାରା ୧କୋଟିରୁ ଅଧିକ ହିତାଧିକାରୀଉପକୃତ ହେବେ ବୋଲି କୁହାଯାଇଥିଲା ।

## ଭୁବନେଶ୍ୱର ନୂଆ ଡିସିପି ଭାବେ ଦାୟିତ୍ୱ ନେଲେ ଜଗମୋହନ ମୀନା, 'ସାଇବର ଥାନା ସୁଦୃଢ଼ କରାଯିବ'

ଭୁବନେଶ୍ୱର,୫ ।୩(ପି.ଏନ): ଭୁବନେଶ୍ୱରର ନୂଆ ଡିସିପି ଭାବେ ଦାୟିତ୍ୱ ନେଲେ ଆଇପିଏସ୍ ? ଅଫିସର ଜଗମୋହନ ମୀନା । କଟକ ଛାଡି ଭୁବନେଶ୍ୱର ଡିସିପି ଭାବେ ଆଜି ବିଧିବଦ୍ଧ ଭାବେ ଦାୟିତ୍ୱ ନେଇଛନ୍ତି । ଡିସିପି ପିନାକ ମିଶ୍ରଙ୍କ ଠାରୁ ଦାୟିତ୍ୱ ନେଲେ ଜଗମୋହନ ମୀନା ।ତେବେ ଦାୟିତ୍ୱ ଗ୍ରହଣ କରିବା ପରେ ଜଗମୋହନ ମୀନା କହିଛନ୍ତି, ଅପରାଧ ତଦନ୍ତ, ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଗୁରୁତ୍ୱ ପ୍ରାଥମିକତା ଦିଆଯିବ । ସାଧାରଣ ଲୋକଙ୍କ ପ୍ରତି ଯତ୍ନବାନ ହେବୁ ।

ସେ ଆହୁରି ମଧ୍ୟ କହିଛନ୍ତି, ସିସିଟିଭି ସର୍ଭିଲାନ୍ସ ବଢ଼ାଯିବ, ସାଇବର ଥାନା ସୁଦୃଢ଼ କରାଯିବ । ନବ ନିଯୁକ୍ତ କନଷ୍ଟେବଳଙ୍କୁ ବ୍ୟବହାର କରି ସିସିଟିଏନଏସ୍ ?କୁ ସୁଦୃଢ଼ କରାଯିବ ।ତେବେ ଜଗମୋହନ ମୀନାଙ୍କ କ୍ୟାରିୟର ବିଷୟରେ କହିବାକୁ ଗଲେ ସେ ୨୦୧୧ ମସିହାରେ ଏମଟେକ ଡିଗ୍ରୀ ହାସଲ କରିଥିଲେ । ଏହାପରେ ୨୦୧୨ ମସିହାରେ ଆଇପିଏସ ପରୀକ୍ଷାରେ ଉତ୍ତିର୍ଣ୍ଣ ହୋଇଥିଲେ । ପ୍ରଥମେ ଏସଡିପିଓ, ଏସପି ପରେ କଟକ ଡିସିପି ଭାବେ ଦାୟିତ୍ୱ ତୁଲାଇଥିଲେ । ବର୍ତ୍ତମାନ ତାଙ୍କୁ ଭୁବନେଶ୍ୱରର ଦାୟିତ୍ୱ ଦିଆଯାଇଛି ।



## ୨୦ ବର୍ଷରେ ଓଡିଶାରୁ ଫେରିଗଲେ ୨୧ ଶିଳ୍ପ !

ଭୁବନେଶ୍ୱର,୫ ।୩(ପି.ଏନ): ୨୦୧୬, ୨୦୧୮ ଓ ୨୦୨୨ରେ ଓଡିଶାରେ ହୋଇଥିଲା ତିନିଟି ମେକ ଇନ୍ ? ଓଡିଶା କନକ୍ଲେଭ୍। ତାପ ପରେ ଏବେ ୨୦୨୫ରେ ହୋଇଛି ଉତ୍କର୍ଷ ଓଡିଶା କନକ୍ଲେଭ। ପୁଞ୍ଜି ଓ ଶିଳ୍ପକୁ ଆକର୍ଷିତ କରିବାକୁ ତିଆରି କରାଯାଇଛି ଅନେକ ଶିଳ୍ପ ନୀତି। ହେଲେ ବାସ୍ତବତା ଅଲଗା। ଗତ ୨୦ ବର୍ଷରେ ଅର୍ଥାତ୍ ୨୦୦୪ରୁ ୨୦୨୪ ମସିହା ମଧ୍ୟରେ ୨୧ଟି ବଡ ଶିଳ୍ପ ସରକାରଙ୍କ ସହ ବୁଝାମଣା ପତ୍ର ବା ଏମଓୟୁ ସ୍ୱାକ୍ଷର କରି ବି ଶିଳ୍ପ ପ୍ରତିଷ୍ଠାରୁ ଓହରିଯାଇଛନ୍ତି।ବିଶେଷ କରି ଲୌହ, ଆଲୁମିନିୟମ ଓ ଶକ୍ତି ପ୍ରକଳ୍ପ ପ୍ରତିଷ୍ଠାରୁ ଓହରିଯାଇଛନ୍ତି ୨୧ଟି ଶିଳ୍ପ ପ୍ରତିଷ୍ଠାନ। କେଉଁଠି ଜମି ଅଧିଗ୍ରହଣରେ ସମସ୍ୟା ତ କେଉଁଠି ଏମଓୟୁ ପରେ ବି ଖଣି ଯୋଗାଇପାରିନାହାନ୍ତି ସରକାର। ଆଉ କେଉଁଠି ନିଜେ କମ୍ପାନୀ ଦେବାଳିଆ ହୋଇ ବିକ୍ରି ହୋଇଯାଇଛନ୍ତି ବା ପ୍ରକଳ୍ପରୁ ଓହରିଯାଇଛନ୍ତି ।ଚାର୍ଟଡ ଆକାଉଣ୍ଟାଣ୍ଟ ରାଜନାରାୟଣ ତ୍ରିପାଠୀ କହିଛନ୍ତି, "ସରକାର ଶିଳ୍ପ ପ୍ରତିଷ୍ଠାନ ପାଇଁ ଏମଓୟୁ କଲା ପରେ ଖଣି ଦେଇ ନପାରିବା ଏକ ସରକାରୀ ବିଫଳତା। ବଡ କମ୍ପାନୀଙ୍କୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା ନକଲେ ଏହା ବିଦେଶରେ ବି ରାଜ୍ୟର ଭାବମୂର୍ତ୍ତିକୁ ଖରାପ କରିଥାଏ। ଅନ୍ୟ ଶିଳ୍ପାନୁଷ୍ଠାନ ରାଜ୍ୟକୁ ଆସିବାକୁ ଆଗ୍ରହ ଦେଖାଇବେ ନାହିଁ। ତେବେ କିଛି କମ୍ପାନୀ ଚୁକ୍ତି କଲା ପରେ ବି ଦେବାଳିଆ ହେବାରେ କିଛି ଅସ୍ୱାଭାବିକତା ନାହିଁ।"



## ଏନଆରଆଇ ସିଟ୍ କେଲେଙ୍କାରୀ: ଇଡି ସ୍କାନରରେ ଓଡିଶାର ସବୁ ଘରୋଇ ମେଡିକାଲ କଲେଜ, କାହା ସୁରକ୍ଷାରେ ରାଜ୍ୟ ସରକାରଙ୍କ ଆଇନ ?

ଭୁବନେଶ୍ୱର,୫ ।୩(ପି.ଏନ): ପଶ୍ଚିମବଙ୍ଗ ପରେ ଓଡିଶାର ବିଭିନ୍ନ ଘରୋଇ ମେଡିକାଲ କଲେଜରେ 'ଏନଆରଆଇ କୋଟା'ରେ ସିଟ୍ ପୂରଣକୁ ନେଇ ବ୍ୟାପକ ଅନିୟମିତତାର ଖୋଳତାଡ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) । ରାଜ୍ୟର ୪ ପ୍ରମୁଖ ଘରୋଇ ମେଡିକାଲ କଲେଜରେ ଥିବା ମୋଟ ୧୨୮ଟି 'ଏନଆରଆଇ କୋଟା' ସିଟ୍ କିଭଳି ପୂରଣ ହୋଇଛି ଓ କେଉଁସବୁ ଦସ୍ତାବିଜ ଓ କେତେ ଅର୍ଥ ଦେଇ ଏହି କୋଟାରେ ପିଲାମାନେ ନାମ ଲେଖାଇଛନ୍ତି ସେ ସଂକ୍ରାନ୍ତ ବିସ୍ତୃତ ତଥ୍ୟ ହାସଲ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ବିଭିନ୍ନ ଟିମ୍ ଆଜି ଓଡିଶାର ୪ଟି ଘରୋଇ ମେଡିକାଲ କଲେଜରେ ଚଢ଼ଉ ଜାରି ରଖିଥିବା ଜଣାପଡିଛି ।ଏପଟେ 'ଓଡିଶା ପ୍ରଫେସନାଲ ଏଜୁକେସନ୍ ଇନଷ୍ଟିଚ୍ୟୁସନସ୍ (ରେଗୁଲେସନ ଅଫ ଆଡମିଶନ ଆଣ୍ଡ ଫିକ୍ସେସନ ଅଫ ଫି) ଆଇନରେ ଥିବା ପ୍ରାବଧାନର ଫାଇଦା ଉଠାଇ ଘରୋଇ ମେଡିକାଲ କଲେଜଗୁଡିକ 'ଏନଆରଆଇ କୋଟା'କୁ ନିଜର ଅର୍ଥ ଉପାର୍ଜନର ସର୍ବୋତ୍କୃଷ୍ଟ ସହଜ ମାଧ୍ୟମ ଭାବେ ବାଛିଥିବା ସୂଚନା ମିଳିଛି । ଏନଆରଆଇ କୋଟା ପୂରଣ ନହେବାର ଆଳ ଓ ଜାଲ୍ ଦସ୍ତାବିଜ ଆଦି ମାଧ୍ୟମରେ ଏସବୁ ଏମବିବିଏସ୍ ସିଟ୍ ପୂରଣ ହେଉଥିବାର ପୁଳାପୁଳା ଅଭିଯୋଗ ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଆଜି ଓଡିଶାର ଏସବୁ ମେଡିକାଲ କଲେଜରେ ନିଜର ତନାଘନା ଆରମ୍ଭ କରିଥିବା ସୂଚନା ମିଳିଛି।

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଚଢ଼ଉ

ଗତ ଡିସେମ୍ବର ମାସରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପଶ୍ଚିମବଙ୍ଗର ବିଭିନ୍ନ ଘରୋଇ ମେଡିକାଲ କଲେଜରେ ଚଢ଼ଉ କରି ଏହି ଏନଆରଆଇ କୋଟା ଦୁର୍ନୀତିର ଖୋଳତାଡ ଆରମ୍ଭ କରିଥିଲା । ଏନଆରଆଇ କୋଟାରେ ଲକ୍ଷ ଲକ୍ଷ ଟଙ୍କା ଡୋନେସନ୍ ନେଇ କିଭଳି ଧନୀ ଘରର ପିଲାମାନଙ୍କୁ ମେଡିକାଲ ପଢ଼ିବାର ସୁଯୋଗ ଘରୋଇ ମେଡିକାଲ କଲେଜଗୁଡିକ ଦେଉଛନ୍ତି ତା'ର ଅନେକ ଚାଂଚଲ୍ୟକର ଦସ୍ତାବିଜ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଧିକାରୀମାନଙ୍କ ମିଳିଥିଲା । ଏଭଳି ଆଡମିଶନ ପଛରେ ସକ୍ରିୟ ଥିବା ର ?ୟାକେଟ କେବଳ ପଶ୍ଚିମବଙ୍ଗ ନୁହେଁ ଓଡିଶାରେ ମଧ୍ୟ ସକ୍ରିୟ ଥିବା ଜାଣିବା ପରେ ବୁଧବାର ରାଜ୍ୟର ସମସ୍ତ ଘରୋଇ ମେଡିକାଲ କଲେଜରେ ଚନଉ କରିଛି । ଭୁବନେଶ୍ୱରସ୍ଥିତ କିମସ୍ ମେଡିକାଲ କଲେଜ, ସୋଆ ମେଡିକାଲ କଲେଜ ଓ ହାଇଟେକର ଭୁବନେଶ୍ୱର ଏବଂ ରାଉରକେଲା ମେଡିକାଲ କଲେଜରେ ଚଢ଼ଉ କରିଥିବା ସ୍ପଷ୍ଟ ହୋଇଛି । ତେବେ ଡ୍ରିମସ୍ ମେଡିକାଲ କଲେଜରେ ଚଢ଼ଉ ହୋଇଛି କି ନାହିଁ ସେନେଇ ସ୍ପଷ୍ଟତା ମିଳିପାରିନି । ଯଦିଓ ଡ୍ରିମସ୍ ମେଡିକାଲ କଲେଜରେ ଏମବିବିଏସ୍ ପାଠ୍ୟକ୍ରମରେ ୧୫ଟି ସିଟ୍ ଏନଆରଆଇ କୋଟା ନିମନ୍ତେ ସଂରକ୍ଷିତ ରହିଛ ।

କେଉଁ କଲେଜରେ କେତେ ଏନଆରଆଇ ସିଟ୍ ?

ରାଜ୍ୟରେ ୪ଟି ଘରୋଇ ମେଡିକାଲ କଲେଜରେ ଏମବିବିଏସ୍ ପାଠ୍ୟକ୍ରମ ଓ ୩ଟିରେ ପିଜି ପାଠ୍ୟକ୍ରମ ପ୍ରଦାନ କରୁଛନ୍ତି । ଏହି ସମସ୍ତ ମେଡିକାଲ କଲେଜ ନିଜର ମୋଟ୍ ସିଟ୍ ସଂଖ୍ୟାର ସର୍ବାଧିକ ୧୫ପ୍ରତିଶତ ସିଟ୍ 'ଏନଆଇଆର' ବର୍ଗ ପାଇଁ ସଂରକ୍ଷିତ ରଖିବେ । ଏପରିକି ଏହି ଏନଆରଆଇ ସିଟ୍ ବାବଦରେ ପ୍ରବାସୀ ଭାରତୀୟଙ୍କଠୁ ଚଢ଼ା ଦରରେ ଫି' ମଧ୍ୟ ସଂଗ୍ରହ କରିପାରିବେ । ରାଜ୍ୟ ସରକାରଙ୍କ ଆଇନ 'ଓଡିଶା ପ୍ରଫେସନାଲ ଏଜୁକେସନ୍ ଇନଷ୍ଟିଚ୍ୟୁସନସ୍ (ରେଗୁଲେସନ ଅଫ ଆଡମିଶନ ଆଣ୍ଡ ଫିକ୍ସେସନ ଅଫ ଫି) ଆକ୍ଟର ଧାରା ଧାରା-୭(୨)ରେ ଘରୋଇ ମେଡିକାଲ କଲେଜଗୁଡିକୁ ରାଜ୍ୟ ସରକାରଙ୍କ ଫି' ନିର୍ଦ୍ଧାରଣ କମିଟି 'ଏନଆରଆଇ କୋଟା'ରେ ଚଢ଼ା ଫି' ସଂଗ୍ରହ କରିବାର ଅନୁମତି ଦେବେ ଯାହାକୁ ସେହି ଅନୁଷ୍ଠାନ ନିଃଶୁଳ୍କ ଛାତ୍ରବୃତ୍ତି ବାବଦରେ ଖର୍ଚ୍ଚ କରିବେ ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଷ୍ଣୁ ଇଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଶ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ଟକଙ୍କ ଭିଡ। ଏହି ଉଦେଶ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟଷ୍ୟରେ ସାହାଯଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ୟତୀତ ଅନଷ୍ୟ ରାଜଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ୟାରେ ପର୍ଯ୍ୟଷ୍ଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଷ୍ଟକଙ୍କ ବର୍ଦ୍ଧିତ ସଂଖଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଷ୍ଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଷ୍ଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଷ୍ଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଷ୍ଟକଙ୍କ ଭିଡକୁ ଲକ୍ଷଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ୟତି ହେବି ନାହିଁ।



# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।



## ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




ଭୁବନେଶ୍ୱର, ୨୦୨୫, ମାର୍ଚ୍ଚ ୬

# ଅପ୍ରୀତିକର ଲଢେଇ

ହ୍ୱାଇଟ ହାଉସରେ ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ଏବଂ ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ମଧ୍ୟରେ ବିସ୍ଫୋରକ କଥା କଟାକଟି କେବଳ ଆମେରିକା-ୟୁକ୍ରେନ ସମ୍ପର୍କରେ ଭଙ୍ଗା ପକାଇ ନାହିଁ, ରୁଷ ବିରୋଧ ଯୁଦ୍ଧରେ ଏକ ସଂକଟଜନକ ମୁହୂର୍ତ୍ତରେ କିଭ୍‌କୁ ଅସୁରକ୍ଷିତ ଭାବେ ଛାଡିଦେଇଛି ବୋଲି କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ଗଲା ମାସ ୨୮ତାରିଖ ଦିନ ହ୍ୱାଇଟ ହାଉସରେ ରାଷ୍ଟ୍ରପତି ଟ୍ରମ୍ପ ଏବଂ ଜେଲେନସ୍କିଙ୍କ ମଧ୍ୟରେ ଆଲୋଚନା ବୈଠକ ଚାଲିଥିଲା। ଯେଉଁ ବୈଠକରେ ଆମେରିକାର ଉପ-ରାଷ୍ଟ୍ରପତି ଜେଡି.ଭାନ୍ସ ମଧ୍ୟ ଉପସ୍ଥିତ ଥିଲେ। ବୈଠକ ସିଧାପ୍ରସାରଣ କରାଯାଇଥିଲା। ଦୀର୍ଘ ୩ବର୍ଷ ଧରି ରୁଷ-ୟୁକ୍ରେନ ମଧ୍ୟରେ ଲାଗିଥିବା ଯୁଦ୍ଧର ଅବସାନ ଘଟାଇ ଶାନ୍ତି ପ୍ରତିଷ୍ଠା ସ୍ଥାପନ ଲାଗି ଜେଲେନସ୍କି ଆମେରିକା ଗସ୍ତରେ ଥିଲେ। ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ଆଲୋଚନା ଚାଲିଥିଲା। ଯେତେବେଳେ ଖଣିଜ ଚୁକ୍ତି ନେଇ ଆଲୋଚନା ହୋଇଥିଲା, ସେତେବେଳେ ଜେଲେନସ୍କି ପ୍ରତିକ୍ରୀୟା ପ୍ରକାଶ କରିଥିଲେ। ଜେଲେନସ୍କିଙ୍କ ପ୍ରତିକ୍ରୀୟା ପରେ ଟ୍ରମ୍ପ ଓ ଭାନ୍ସ ତାଙ୍କୁ ଯେପରି କଟୁକଥା କହି ଅପଦସ୍ଥ କରିବା ଘଟଣା ବିଶ୍ୱରେ ଚହଳ ସୃଷ୍ଟି କରିଛି। କହିବା ବାହୁଲ୍ୟ ଯେ, ଆମେରିକା ୟୁକ୍ରେନରୁ ୩୫୦ ବିଲିଅନ ଡଲାର ଆର୍ଥୀକ ସହାୟତା ଦେଇଥିବାରୁ ଏହାର ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଉପରେ ଆମେରିକାର ଅଧିକାର ରହିବା ନେଇ ଟ୍ରମ୍ପ ମତ ରଖିଥିଲେ। ଏହା ବଦଳରେ ଚୁକ୍ତିରେ ରୁଷଠାରୁ ନିଜ ଦେଶକୁ ରକ୍ଷା କରିବା ଲାଗି ଜେଲେନସ୍କି ଆମେରିକାଠାରୁ ପୂର୍ଣ୍ଣ ନିରାପତା ଦାବି ରଖିଥିଲେ। ଏହାକୁ ନେଇ ଦୁଇ ନେତାଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗିଥିଲା। ଯାହାକି ଏବେ ଦୁଇ ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ତିକ୍ତତା ବଢିଥିଲା। ଶାନ୍ତି ଆଲୋଚନା ଏକ ଅଶୋଭନୀୟ ପରିସ୍ଥିତିରେ ଶେଷ ହେବା ରୁଷ-ୟୁକ୍ରେନ ଯୁଦ୍ଧକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ୟୁକ୍ରେନ ସହ ଆଲୋଚନା ପୂର୍ବରୁ ଟ୍ରମ୍ପ ପ୍ରଥମେ ରୁଷର ରାଷ୍ଟ୍ରପତି ଭ୍ଲାଡିମୀର ପୁଟିନଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ବେଳେ ଟ୍ରମ୍ପ ପୁଟିନଙ୍କ ସମସ୍ତ ସର୍ତ୍ତକୁ ସମର୍ଥନ କରିଥିବା କୁହାଯାଏ। ବିଶେଷ କରି ତତ୍‌କାଳୀନ ସଂଯୁକ୍ତ ସୋଭିଏତ ୟୁନିୟନ (ୟୁଏସଏସଆଇ)ର ବିଲୟ ପରେ ସ୍ୱାଧୀନ ହୋଇଥିବା ସାର୍ବଭୌମତ୍ୱ ରାଷ୍ଟ୍ରଗୁଡିକର ଗଣତନ୍ତ୍ର ଓ ସାର୍ବଭୌମତ୍ୟକୁ ସୀମିତ କରିବା ପାଇଁ ପୁଟିନଙ୍କ ଡକ୍ଟରିନ ପ୍ରତି ଟ୍ରମ୍ପ ସହମତି ପ୍ରକାଶ କରିବା ତାଙ୍କ ପକ୍ଷପାତିତାର ସଂକେତ ପ୍ରଦାନ କରୁଛି। ସେହିପରି ଜେଲେନସ୍କିଙ୍କୁ ଡକାଇ ଆଲୋଚନା କରିବା ସମୟରେ ଖଣିଜ ସମ୍ପଦ ଉପରେ ଅଧିକାର ପ୍ରସଙ୍ଗ ଉଠାଇବା ଆମେରିକା ତାର ସ୍ୱାର୍ଥକୁ ଗୁରୁତ୍ୱ ଦେଇଛି, ବୋଧହୁଏ ଏଥିରେ କେହି ଦ୍ୱିମତ ହୋଇନପାରନ୍ତି। ଆହୁରି ମଧ୍ୟ ଟ୍ରମ୍ପଙ୍କ ହାତ ପଶୁ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ପଶୁ ବାହା ପଶିବା ଭଳି ବିସ୍ତାରବାଦୀ ନୀତି ସମ୍ପର୍କରେ ସନ୍ଦେଶ ଦେଇଛି। କେବଳ ଏତିକି ନୁହେଁ, ଯୁଦ୍ଧ ଗଣତାନ୍ତ୍ରୀକ ରାଷ୍ଟ୍ରଗୁଡିକ ପ୍ରତି ଟ୍ରମ୍ପଙ୍କ ହୀନମାନ୍ୟତା ତାଙ୍କର ଆଚରଣ ଓ ଉଚ୍ଚାରଣକୁ ସ୍ପଷ୍ଟ ବାରି ହୋଇପଡୁଛି ବୋଲି କୁହାଯାଇପାରେ। ଆହୁରି ମଧ୍ୟ ବିଶ୍ୱ ସର୍ବବୃହତ ଓ ସର୍ବଶକ୍ତିମାନ ଗଣତାନ୍ତ୍ରୀକ ରାଷ୍ଟ୍ର ଆମେରିକାର ଆଭିମୁଖ୍ୟ ବିଶ୍ୱର ଛୋଟ ଛୋଟ ଗଣତାନ୍ତ୍ରୀକ ରାଷ୍ଟ୍ରର ସାର୍ବଭୌମତା ପ୍ରତି ବିପଦ ସୃଷ୍ଟି କରିଛି। ତେବେ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କ ପ୍ରତି ଟ୍ରମ୍ପଙ୍କ ବ୍ୟବହାର ବ୍ରିଟେନ ସମେତ ବହୁ ୟୁରୋପୀୟ ରାଷ୍ଟ୍ର ଦୃଢ ବିରୋଧ କରିବା ଆଉ ଏକ ଉଲ୍ଲେଖନୀୟ ଘଟଣା। ୟୁକ୍ରେନକୁ ସମସ୍ତ ପ୍ରକାରର ସାହାଯ୍ୟ ଓ ସହାୟତା ଯୋଗାଇ ଦେବା ପାଇଁ ଘୋଷଣା କରିଛନ୍ତି। କିନ୍ତୁ ଆମେରିକାର ପୂର୍ବତନ ବାଇଡେନ ପ୍ରଶାସନ ଯେଉଁଭଳି ସାହାଯ୍ୟ ଓ ସମର୍ଥନ ଦେଇଆସୁଥିଲା, ତାକୁ ପୁରଣ କରିବାରେ ବ୍ରିଟେନ ସମେତ ୟୁରୋପୀୟ ରାଷ୍ଟ୍ରଗୁଡିକ କେତେଦୂର ସମର୍ଥ ହେବେ, ତାହା ଭବିଷ୍ୟତ କହିବ। ଏହା ନିସନ୍ଦେହ ଯେ, ଆମେରିକାର ସହାୟତା ବିନା ୟୁକ୍ରେନ ଏବେ ଦୁର୍ବଳ। କେତେଦିନ ପର୍ଯ୍ୟନ୍ତ ରୁଷ ସହ ଲଢିବାକୁ ସମର୍ଥ ହେବ, ତାହା ଭବିଷ୍ୟତ କହିବ। କିନ୍ତୁ ଏହା ନିସନ୍ଦେହ ଯେ, ଜେଲେନସ୍କି ଯେଉଁଭଳି ସାହାସ ହ୍ୱାଇଟ ହାଉସରେ ପ୍ରଦର୍ଶନ କରିଛନ୍ତି, ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ ଓ ସ୍ୱାଗତଯୋଗ୍ୟ ବୋଲି କୁହାଯାଇପାରିବ। ଆମେରିକାର ଟ୍ରମ୍ପ ପ୍ରଶାସନ ପ୍ରଥମରୁ କ୍ଷୁଦ୍ର ରାଷ୍ଟ୍ରଗୁଡିକ ପ୍ରତି ଯେଉଁଭଳି ଆଭିମୁଖ୍ୟ ଗ୍ରହଣ କରିଛନ୍ତି ତାହା କେବଳ ୟୁକ୍ରେନ ନୁହେଁ, ବିଶ୍ୱ ଅନ୍ୟ କ୍ଷୁଦ୍ର ଗଣତାନ୍ତ୍ରୀକ ସାର୍ବଭୌମତ୍ୱ ରାଷ୍ଟ୍ରଗୁଡିକ ପ୍ରତି ଏକ ସତର୍କ ଘଂଟି। ଶେଷରେ ଟ୍ରମ୍ପଙ୍କ ଅହଂକାର ବିଶ୍ୱ ପାଇଁ ଏବେ ବିପଦ ସଦୃଶ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩

# କୁମ୍ଭମେଳା ପ୍ରତି ଗୋଟିଏ ବର୍ଗର ଘୃଣାର ମୂଳ କାରଣ

ଉତ୍ତର ପ୍ରଦେଶର ପବିତ୍ର ନଗରୀ ପ୍ରୟାଗରାଜ ଠାରେ ଆୟୋଜିତ ହୋଇଥିବା କୁମ୍ଭ ମେଳା ସମାପ୍ତ ହୋଇଛି । ୧୩ ଜାନୁଆରୀ ଠାରୁ ଆରମ୍ଭ ହୋଇଥିବା ଓ ୪୫ ଦିନ ଧରି ଚାଲିଥିବା ଏହି କୁମ୍ଭ ମେଳା ବାସ୍ତବରେ ଭବ୍ୟ ଓ ଦିବ୍ୟ ଥିଲା । ଏଥିରେ ସାରା ଭାରତ ଓ ଭାରତ ବାହାରୁ ୬୦ କୋଟିରୁ ଉର୍ଧ ଲୋକ ମାନେ ଆସି ଗଙ୍ଗା- ଯମୁନା ଓ ସରସ୍ୱତୀ ନଦୀର ତ୍ରିବେଣୀ ସଙ୍ଗମରେ ଆସ୍ଥାର ବୁଡ ପକାଇଛନ୍ତି । ସାରା ବିଶ୍ୱରେ ଏଭଳି ଆୟୋଜନ କେଉଁ ଠାର ଆଉ ହେବା ସମ୍ଭବ ନୁହେଁ ଯେଉଁଠାରେ ଏତେ କମ ଦିନ ମଧ୍ୟରେ ୬୦ କୋଟିରୁ ଉର୍ଦ୍ଧ ଏକାଠି ହୋଇ ପାରିବେ ।

ତେବେ କୁମ୍ଭ ମେଳା ଏତେ ଭବ୍ୟ ଓ ଦିବ୍ୟ ହୋଇଥିବା ସତ୍ତ୍ୱେ ହିନ୍ଦୁ ବିରୋଧୀ ମାନଙ୍କର ଆକ୍ରମଣରୁ ଏହା ବର୍ତ୍ତି ପାରି ନାହିଁ । ହିନ୍ଦୁ ବିରୋଧୀ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଏହି କୁମ୍ଭ ମେଳାକୁ ନେଇ ଅନେକ ଆପତ୍ତିଜନକ ମନ୍ତବ୍ୟ ଦିଆଯାଇଛି । କେବଳ ସେତିକି ନୁହେଁ ବିଦେଶୀ ମାନଙ୍କ ବିଚାରରେ ଅନୁପ୍ରାଣିତ ଲେଫ୍ଟ ଲିବରାଲ ବର୍ଗର ବୁଦ୍ଧିଜୀବୀ, ଏକାଡେମିସିଆନ ତଥା ଇସଲାମିଷ୍ଟ ମାନେ ମଧ୍ୟ କୁମ୍ଭ ବିରୁଦ୍ଧରେ ମନ୍ତବ୍ୟ ଦେବା ଦେଖିବାକୁ ମିଳିଥିଲା । କଂଗ୍ରେସର ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖଡଗେ କୁମ୍ଭ ମେଳାର ସର୍ବପ୍ରଥମେ ଔଚିତ୍ୟକୁ ନେଇ ପ୍ରଶ୍ନ ଉଠାଇଥିଲେ । ସେ କହିଥିଲେ ଯେ କୁମ୍ଭ ମେଳାରେ ବୁଡ ପକାଇଲେ କଣ ଲୋକ ମାନଙ୍କର ଦାରିଦ୍ର୍ୟ ହ୍ରାସ ପାଇବ । କୋଟି କୋଟି ଲୋକଙ୍କର ଆସ୍ଥା ଓ ବିଶ୍ୱାସ ଉପରେ ସେ ସିଧା ସଳଖ ଆକ୍ରମଣ କରିବାକୁ ପଛାଇ ନ ଥିଲେ । କୋଟି କୋଟି ଲୋକଙ୍କ ଆସ୍ଥା ସହ ଜଡିତ ହୋଇଥିବା କାରଣରୁ ଉତର ପ୍ରଦେଶର ବିରୋଧୀ ଦଳ ସମାଜବାଦୀ ପାର୍ଟିର ନେତା ଅଖିଳେଶ ଯାଦବ ପ୍ରତ୍ୟକ୍ଷ ଭାବେ ଖଡଗେଙ୍କ ପରି ବିରୋଧ ତ କରି ପାରି ନ ଥିଲେ ହେଲେ ସେ ଏହି ମେଳାରେ ଅବ୍ୟବସ୍ଥା ଥିବା ପ୍ରସଙ୍ଗ ଉଠାଇଥିଲେ । ହେଲେ ତାଙ୍କ ଦଳର ସାଂସଦ ଜୟା ବଚ୍ଚନ କୁମ୍ଭ ମେଳା ସମ୍ପର୍କରେ ଯେଉଁ ବକ୍ତବ୍ୟ ଦେଇଥିଲେ ତାହା ଦ୍ୱାରା ସେ ସମସ୍ତଙ୍କୁ ପା କରି ଯାଇଥିଲେ । ସେ ସଂସଦ ଭବନ ପରିସରରେ ସାମ୍ବାଦିକ ମାନଙ୍କ ସହ କଥାବାର୍ତ୍ତା ବେଳେ କହିଥିଲେ ଯେ କୁମ୍ଭ ମେଳାର ପାଣି ସର୍ବାଧିକ ଦୂଷିତ । ସେ କହିଥିଲେ ଯେ, 'ବର୍ତ୍ତମାନ ସବୁଠାରୁ ଦୂଷିତ ପାଣି କେଉଁଠାରେ ଅଛି । ସେଠାରେ ଘଟିଥିବା ଦଳା ଚକଟା କାରଣରୁ ଯେଉଁ ଲୋକ ମାନଙ୍କର ମୃତ୍ୟୁ ହେଲା ସେମାନଙ୍କର ଶବକୁ ନଦୀରେ ଫିଙ୍ଗି ଦିଆଯାଇଛି । ଏହି କାରଣରୁ ସେଠାକାର ପାଣି ଖୁବ ଦୂଷିତ ହୋଇଯାଇଛି । ' ସେ ଆହୁରି କହିଥିଲେ ଯେ 'କୁମ୍ଭରେ ଆସୁଥିବା ସାଧାରଣ ଲୋକ ମାନଙ୍କୁ କୌଣସି ବିଶେଷ ସୁବିଧା ପ୍ରଦାନ କରାଯାଉ ନାହିଁ। ତାଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଇ ନାହିଁ। କୋଟି କୋଟି ଲୋକ ଆସୁଛନ୍ତି ବୋଲି ମିଛ କୁହା ଯାଉଛି । ଏତେ ସଂଖ୍ୟାରେ ଲକ ମାନେ ଗୋଟିଏ ସମୟରେ କିପରି ଏକତ୍ରିତ ହୋଇ ପାରିବେ ?'ପଶ୍ଚିମ ବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଉ ଗୋଟିଏ ପାଦ ଆଗକୁ ଚାଲି ଯାଇଥିଲେ । ସେ କୁମ୍ଭକୁ ମୃତ୍ୟୁର କୁମ୍ଭ ବୋଲି କହିଥିଲେ । ହିନ୍ଦୁ ଆସ୍ଥା, ମାନ୍ୟତା ପ୍ରତି ସେ କେତେ ସମ୍ବେଦନଶୀଳ ତାକୁ ସେ ସ୍ପଷ୍ଟ କରି ଦେଇଥିଲେ । କେବଳ ସେତିକି ନୁହେଁ ଲେଫ୍ଟ – ଲିବରାଲ ଓ ଇସଲାମିଷ୍ଟ ଶକ୍ତି ମାନଙ୍କ ପକ୍ଷରୁ କୁମ୍ଭ ବିରୁଦ୍ଧରେ ବ୍ୟାପକ ଅପ ପ୍ରଚାର କରା ଗଲା । ବିଭିନ୍ନ ଖବର କାଗଜରେ କୁମ୍ଭ ବିରୋଧୀ ଓ ହିନ୍ଦୁ ଧର୍ମ ବିରୋଧୀ ଲେଖା ମାନ ପ୍ରକାଶିତ ହେଲା । ଗୋଟିଏ ଲେଖାର ଉଦାହରଣ ଦେଲେ


ଡ. ସମନ୍ୱୟ ନନ୍ଦ

ଯଥେଷ୍ଟ ହେବ । ଏକ ଇଂରାଜୀ ସମ୍ବାଦପତ୍ରରେ ଡ. ସବିତା ଝାଙ୍କ ନାମରେ ଏକ ଲେଖା ପ୍ରକାଶିତ ହେଲା ଯାହାର ଶୀର୍ଷକ ଥିଲା, "ରଶ – ଏଟ ମହାକୁମ୍ଭ ସୋଓ୍ବଜ ହାଉ ହିନ୍ଦୁଇଜିମ ଇଜ ଲୁଜିଂ ଇଟ ପ୍ଲୁରାଲିଷ୍ଟିକ କ୍ୟାରେକ୍ଟର '। ଅର୍ଥାତ କୁମ୍ଭରେ କୋଟି କୋଟି ସଂଖ୍ୟାରେ ହିନ୍ଦୁ ମାନେ ଏକତ୍ରିତ ହୋଇ ବୁଡ ପକାଇବା ଦ୍ୱାରା ହିନ୍ଦୁ ଧର୍ମ ତାର ବହୁଳତାବାଦୀ ଚରିତ୍ରକୁ ହରାଉଛି । ଲେଖିକାଙ୍କ ମନରେ କଷ୍ଟ ଥିଲା ଯେ ହିନ୍ଦୁ ସମାଜ ଜାତି – ଭାଷା- ରାଜ୍ୟ ଆଦିରେ ବିଭାଜିତ । ସେମାନେ କେବେ ବି ଏକାଠି ହୋଇ ପାରନ୍ତି ନାହିଁ। ସେମାନେ କିପରି ଏକାଠି ହେଉଛନ୍ତି ? ଏହା ଦ୍ୱାରା ହିନ୍ଦୁ ଧର୍ମ ପ୍ରତି ବିପଦ ସୃଷ୍ଟି ହୋଇଛି । ଲେଖିକା ଜଣେ ଏକାଡେମିସିଆନ ଓ ତାଙ୍କ ବିଷୟରେ ଅଧିକ ଅନୁସନ୍ଧାନ କରିବା ପରେ ଜଣା ପଡିଲା ଯେ ତାଙ୍କର ବାସ୍ତବିକ ନାମ ସବିତା ଝା ନୁହେଁ ବରଂ ସବିତା ଝା ଖାନ। କିଛି ଲେଫ୍ଟ ଲିବରାଲ ସାମ୍ବାଦିକ ଓ ବୁଦ୍ଧିଜୀବୀ ଯେଉଁ ମାନେ ବେଶୀ କିଛି କରି ପାରୁ ନ ଥିଲେ ସେମାନେ ତାଙ୍କର ସୋସିଆଲ ମିଡିଆରେ କୁମ୍ଭକୁ ନେଇ ଉପହାସ କରୁଥିବା ଦେଖିବାକୁ ମିଳୁଥିଲା ।

ତେବେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାଜ୍ୟର ବିଧାନସଭାରେ କୁମ୍ଭକୁ ନେଇ ଯେଉଁ ବକ୍ତବ୍ୟ ଦେଇଥିଲେ ତାହା ସମ୍ପୂର୍ଣ୍ଣ ଠିକ ବୋଲି ମନେ ହୁଏ । ସେ ବିଧାନସଭାରେ ତାଙ୍କର ଉଦବୋଧନରେ କହିଥିଲେ ଯେ "କୁମ୍ଭ ମେଳାରେ ଯିଏ ଯେଉଁ ବିଷୟ ଖୋଜିଲା ସେ ତାକୁ ସେଇଆ ମିଳିଲା । ଶାଗୁଣାକୁ ଶବ ମିଳିଲା । ଘୁସୁରୀ ମାନଙ୍କୁ ମଇଳା ମିଳିଲା। । ସମ୍ବେଦନଶୀଳ ଲୋକ ମାନଙ୍କୁ ସମ୍ପର୍କର ସୁନ୍ଦର ଚିତ୍ର ମିଳିଲା । ଆସ୍ଥାବାନ ମାନଙ୍କୁ ପୁଣ୍ୟ ମିଳିଲା । ସଜ୍ଜନ ମାନଙ୍କୁ ସଜ୍ଜନତା ମିଳିଲା । ଗରୀବ ମାନଙ୍କୁ ରୋଜଗାର ମିଳିଲା । ବ୍ୟବସାୟୀ ମାନଙ୍କୁ ବେପାର ମିଳିଲା । ଭକ୍ତ ମାନଙ୍କୁ ସଫା ସୁତୁରା ବ୍ୟବସ୍ଥା ମିଳିଲା। ପର୍ଯ୍ୟଟକ ମାନଙ୍କୁ ସୁନ୍ଦର ବ୍ୟବସ୍ଥା ମିଳିଲା । ସଦଭାବନା ଚାହୁଁଥିବା ଲୋକ ମାନଙ୍କୁ ଜାତି ବିହୀନ ବ୍ୟବସ୍ଥା ମିଳିଲା । ଭକ୍ତ ମାନଙ୍କୁ ଭଗବାନ ମିଳିଲେ । "

ଯୋଗୀ ଆଦିତ୍ୟନାଥ କହିଥିଲେ ଯେ ଏଥିରୁ ସ୍ପଷ୍ଟ ଯେ ସମସ୍ତେ ନିଜ ନିଜ ସ୍ୱଭାବ ଓ ଚରିତ୍ର ଅନୁସାରେ ଜିନିଷ ଗୁଡିକୁ ଦେଖିଲେ । ଗୋଟିଏ ଘାଟରେ ସମସ୍ତ ତୀର୍ଥ ଯାତ୍ରୀ ବିନା ଭେଦଭାବରେ ସ୍ନାନ କରିବାରେ ଲାଗିଥିଲେ।

କୁମ୍ଭକୁ ନେଇ ଏତେ ଘୃଣା ଓ ଏତେ ବିଷ ବାନ୍ତି କରାଯିବାର କାରଣ କଣ ? ଭାରତ ବିରୋଧୀ ବାମପନ୍ଥୀ- ଲିବରାଲ- ଇସଲାମିଷ୍ଟ ଓ ସୋରୋସ ସମର୍ଥିତ ତତ୍ୱ ମାନେ ବର୍ଷ ବର୍ଷ ଧରି ହିନ୍ଦୁ ସମାଜ ସମ୍ପର୍କରେ ଏକ ବିଶେଷ ଚିତ୍ର ଦେଖାଇବାକୁ ଚେଷ୍ଟା କରି ସୁନିୟୋଜିତ ଭାବେ କାର୍ଯ୍ୟ କରି ଆସିଛନ୍ତି । ଏହି ନ୍ୟାରେଟିଭଟି ହେଲା ଯେ ହିନ୍ଦୁ ସମାଜରେ ଅନେକ ବିଭାଜନ ରହିଛି । ତେଣୁ ହିନ୍ଦୁ ମାନେ କେବେ ହେଲେ ଏକାଠି ହୋଇ ପାରିବେ ନାହିଁ । ଏହି ବର୍ଗର ଲୋକ ମାନେ ହିନ୍ଦୁ ସମାଜ ସମ୍ପର୍କରେ ଏହି ବିଶେଷ ପ୍ରକାରର ନ୍ୟାରେଟିଭକୁ ସ୍ଥାପିତ କରିବାକୁ ବହୁ ପରିଶ୍ରମ କରି ଆସିଛନ୍ତି । ଏହି ବାବଦରେ ବିଦେଶୀ ଶକ୍ତି ମାନେ ଭାରତରେ ଥିବା ସେମାନଙ୍କର ବୌଦ୍ଧିକ କୁଲି ମାନଙ୍କ ଜରିଆରେ ବିପୁଳ ଧନ ରାଶି ଖର୍ଚ୍ଚ କରିଛନ୍ତି । ଏକାଦେମିକ ଜଗତରେ ଏହି ନ୍ୟାରେଟିଭକୁ ସ୍ଥାପିତ କରିବାକୁ ସେମାନେ ଅନେକ ପୁସ୍ତକ ରଚନା କରିବା ସହ ଅନେକ ସେମିନାର ଆୟୋଜନ କରି ଆସିଛନ୍ତି । ଅନେକ ସମ୍ବାଦପତ୍ରରେ ସମ୍ପାଦକୀୟ ପୃଷ୍ଠାରେ ଏହି ନ୍ୟାରେଟିଭକୁ ସ୍ଥାପିତ କରାଇବାକୁ ଅନେକ ଲେଖା ଲେଖାଇଛନ୍ତି । ହେଲେ ପ୍ରୟାଗରାଜର ଏହି କୁମ୍ଭ ଲେଫ୍ଟ- ଲିବରାଲ- ଇସଲାମିଷ୍ଟ ଓ ବିଦେଶୀ ଶକ୍ତି ମାନଙ୍କର ଏହି ନ୍ୟାରେଟିଭକୁ ଧ୍ୱସ୍ତ କରି ଦେଇଛି । ପ୍ରୟାଗରାଜର କୁମ୍ଭରେ ୬୦ କୋଟିରୁ ଉର୍ଧ ହିନ୍ଦୁ ତ୍ରିବେଣୀ ସଂଗମ ଠାରେ ସ୍ନାନ କରିଛନ୍ତି । ଏକାଠି ସ୍ନାନ କରିବା ବେଳେ ଓ ଏକାଠି ବୁଡ ପକାଇବା ବେଳେ କିଏ କେଉଁ ଜାତିର କେଉଁ ସମ୍ପ୍ରଦାୟର ତାହା କେହି ପଚାରି ନାହାନ୍ତି । କାହାକୁ ଜାଣିବାର ମଧ୍ୟ କୌଣସି ପ୍ରକାର ଆଗ୍ରହ ମଧ୍ୟ ନାହିଁ । ସମସ୍ତେ ତ୍ରିବେଣୀ ସଂଗମରେ ବୁଡ ପକାଇ ନିଜର ସନାତନ ସଭ୍ୟତା ଓ ସଂସ୍କୃତି ପ୍ରତି ତାଙ୍କର ଗଭୀର ଶ୍ରଦ୍ଧାକୁ ପ୍ରଦର୍ଶିତ କରିଛନ୍ତି । ଏହା ଲେଫ୍ଟ- ଲିବରାଲ- ଇସଲାମିଷ୍ଟ ଓ ବିଦେଶୀ ଶକ୍ତି ମାନଙ୍କୁ ଖୁବ କଷ୍ଟ ଦେଇଛି । ତାଙ୍କ ଦ୍ୱାରା ସ୍ଥାପିତ ନ୍ୟାରେଟିଭ ଖୋଲାଖୋଲି ଭାବେ କୁମ୍ଭରେ ଧ୍ୱସ୍ତ ହୋଇଛି ।

ତାଙ୍କର କଷ୍ଟ ଏଇଥି ପାଇଁ ଅଧିକ ହେଉଛି ଯେ, ଭାରତୀୟ ମାନଙ୍କର ମଧ୍ୟରେ ସାଂସ୍କୃତିକ ପୁନର୍ଜାଗରଣ ହେବାରେ ଲାଗିଛି । କୁମ୍ଭ ମେଳାରେ ଏକାଠି ହୋଇ ୬୦ କୋଟି ହିନ୍ଦୁ ସ୍ନାନ କରିବା ଭାରତର ସାଂସ୍କୃତିକ ପୁନର୍ଜାଗରଣର ପ୍ରତୀକ । ଭାରତର ପୁନର୍ଜାଗରଣ ହେଉଛି । ଭାରତ ତାର ମୂଳକୁ ଫେରୁଛି । ଏହା ହିଁ ଏହି ବର୍ଗକୁ ଗଭୀର ଭାବେ କଷ୍ଟ ଦେଉଛି । ଏହି କଷ୍ଟ କାରଣରୁ ସେମାନେ ଏଭଳି ବ୍ୟବହାର କରୁଛନ୍ତି । ଏହାକୁ ବୁଝିବାକୁ ପଡିବ ।

# ଦୃଢ଼ ବିଶ୍ୱାସର ଶକ୍ତି

ଦିନକୁ ଦିନ ଏ ଦେହର ବୟସ ବଢ଼େ, ମଣିଷର ମନ ମଧ୍ୟ ଜଟିଳ ହୁଏ। ଏହାକୁ ସଂଯତ କରିବା ଅଧିକ କଷ୍ଟକର ହୋଇପଡ଼େ। ତଥାପି ମଣିଷ ଏଥିପାଇଁ ସାମାନ୍ୟତମ ଚେଷ୍ଟା ବି କରେନାହିଁ। ମଣିଷ ଯେଉଁ ସାଧନା ଆରମ୍ଭ କରେ ତା ସାଧନା ସେଇ ସାଧନାରେ ରହିଯାଏ। କେବଳ ଆବେଦନ ଦ୍ୱାରା ଜୀବନର ବେଦନାକୁ ଦୂର କରିହେବ। ବେଦନା ମୁକ୍ତ ହେବା ପାଇଁ ତୁମ ଅନ୍ତରରେ ଆକୁଳତା ଆସିବା ଦରକାର। ଦାରିଦ୍ର୍ୟ ରୂପକ ଲୁହା ଶିକୁଳି ହେଉ ବା ଧନର ସୁନା ଶିକୁଳି ହେଉ, ଉଭୟେ ମଣିଷକୁ ସଂସାର ସହ ବାନ୍ଧି ଦିଅନ୍ତି। ସଂସାର ବନ୍ଧନ ଛିଣ୍ଡାଇବା ପାଇଁ ତୁମ ହୃଦୟରେ ଦୃଢ଼ ସଂକଳ୍ପ ଆସିବା ଦରକାର। ପିଲାଟିଏ ତା ମାଆ ପାଇଁ ବିକଳ ହୋଇ କାନ୍ଦେ, ବାଛୁରୀ ତା ମାଆକୁ ନ ଦେଖିଲେ ନିରାଶ ହୋଇ ହମ୍ବା ହମ୍ବା କରେ, ଜଣେ ଭୋକିଲା ଭିକାରୀ ମୁଠେ ଭାତ ପାଇଁ ଆକୁଳ ହୁଏ। ଠିକ୍ ସେହିପରି ତୁମେ ଭଗବାନଙ୍କ ପାଇଁ ବ୍ୟାକୁଳ ହୋଇ କାନ୍ଦିବା ଦରକାର। ସଂସାର, ଆସକ୍ତି ଓ ବନ୍ଧନ ଆଉ ସହି ହେଉନାହିଁ, ଅସହାୟ ଲାଗୁଛି। ଏଭଳି ଗୋଟିଏ ଭାବ ସହ ହୃଦୟର ଗଭୀରତାରୁ ସେ ଆକୁଳତା, ସେ ବ୍ୟାକୁଳତା ଉଚ୍ଛୁଳି ଉଠିବା ଦରକାର। ଖାଲି ଗୁଡ଼ାଏ ଆଡ଼ମ୍ବର କରି ପାଟି ତୁଣ୍ଡ କଲେ ବା ଦେଖେଇ ହେଲେ ଭଗବାନ ଆଦୌ ଶୁଣିବେ ନାହିଁ। ସେ କେବଳ ଗଭୀର ଆତ୍ମୀୟତାରେ ବଶ ହୁଅନ୍ତି। ସେଇ ଆତ୍ମୀୟତା ହିଁ ଆତ୍ମାର ପରମାତ୍ମାଙ୍କ ପ୍ରତି ଆହ୍ୱାନ। ପ୍ରଥମେ ବିଶ୍ୱାସ ସ୍ଥାପନ କର। ତାପରେ ଭଗବତ୍ ସମ୍ବନ୍ଧୀୟ ଅନୁଭୂତି ଆସିବ। ପ୍ରଥମେ ଡାକ୍ତର ଓ ଔଷଧକୁ ବିଶ୍ୱାସ କର। ତାପରେ ଔଷଧ ତୁମ ରୋଗ ଭଲ କରିବ। ରୋଗ ଭଲ ହୋଇ ସାରିବା ପରେ ଯାଇ ଡାକ୍ତର ଓ ଔଷଧକୁ ବିଶ୍ୱାସ କରିବ ବୋଲି ଅପେକ୍ଷା କରି ବସ ନାହିଁ। ପହଁରା ଶିଖିବ କେମିତି ? ପାଣିରେ ପଶି ଆଉ ହାତ ଗୋଡ଼ ଛାଟି ପହଁରିବାକୁ ଚେଷ୍ଟା କର, କିମ୍ବା ଗୋଟାଏ ଟାୟାରକୁ ଦେହରେ ବାନ୍ଧି ସାହାସର ସହ ପାଣିରେ ପଶ। ଅର୍ଥାତ୍ ସଂସାର ସାଗରରେ ତୁମକୁ ଭସାଇ ରଖିବାକୁ ଜଣେ ଗୁରୁ ବରଣ କର। ଦକ୍ଷିଣ ଭାରତର ଥଙ୍ଗାଲୁର ଗ୍ରାମରେ ଜଣେ ଲୋକ ରହୁଥିଲା। ତାର ନାମ ଆଦିଗଲ। ସେ ମହାତ୍ମା ଆପ୍‌ପାରଙ୍କ ମହିମା ଶୁଣି ତାଙ୍କ ପ୍ରତି ଅତ୍ୟନ୍ତ ଭକ୍ତିପରାୟଣ ହୋଇ ପଡ଼ିଲା। ତା ପରେ ସେ ଆପ୍‌ପାରଙ୍କ ନାଁରେ ବହୁ ଚଟିଘର ତିଆରି କଲା, ନିଜ ପିଲାମାନଙ୍କୁ ମଧ୍ୟ ସେହି ନାମରେ ନାମିତ କଲା। ସେ ଭାବିଥିଲା ତା ପିଲାଏ ବଡ଼ ହୋଇ ଆପ୍‌ପାରଙ୍କ ଭଳି ମହାପୁରୁଷ ହେବେ। ବହୁ ସ୍ଥାନରେ ଆପ୍‌ପାରଙ୍କ ନାମରେ ବହୁ ଜମି, ଟଙ୍କା ପଇସା ଦାନ କରି ଦାତବ୍ୟ ପାଣ୍ଠି ଖୋଲି ପକାଇଲା। ମାତ୍ର ସେ ପର୍ଯ୍ୟନ୍ତ ଆଦିଗଲ ତା ଗୁରୁଙ୍କୁ ଦେଖି ନଥାଏ। ଦେଖ, ଆଦିଗଲ ତା ଗୁରୁଙ୍କୁ ଆଦୌ କିଛି ନ ଜାଣି କିପରି ବିଶ୍ୱାସ ପରାୟଣ ହୋଇ ପଡ଼ିଲା। ମାତ୍ର ଅନ୍ୟମାନେ ଚାହାନ୍ତି, ଆଗ କିଛି ସ୍ପଷ୍ଟ ଅନୁଭୂତି ପାଇବା ପରେ ଯାଇ ସେମାନେ ବିଶ୍ୱାସ କରିବେ।ଥରେ ସନ୍ଥ ଆପ୍‌ପାର ଆସି ଥଙ୍ଗାଲୁର ଗ୍ରାମରେ ପହଞ୍ଚିଲେ। ସେଠାରେ ପହଞ୍ଚି ସେ ଦେଖିଲେ ଚାରି ଆଡ଼େ ତାଙ୍କ ନାଁରେ ଚଟିଘର, ଦାତବ୍ୟ ପାଣ୍ଠି ପ୍ରଭୃତି ଖୋଲି ଯାଇଛି।


ଇଂ.ସଚ୍ଚିଦାନନ୍ଦ ନନ୍ଦ

ସେ ଆଶ୍ଚର୍ଯ୍ୟ ହେଲେ। ସେ ଆସିବା ଆଗରୁ ତାଙ୍କ ନାମ ଏଠାରେ କିପରି ବ୍ୟାପି ଯାଇଛି, କିଛି ବୁଝିପାରିଲେ ନାହିଁ। ଆପ୍‌ପାରଙ୍କ କଥା ଶୁଣି ଆଦିଗଲ ତାଙ୍କ ପାଖକୁ ଦୌଡ଼ିଗଲା ଓ ତାଙ୍କୁ ଘରକୁ ଆଣି ରାଜକୀୟ ଢ଼ଙ୍ଗର ଖାଦ୍ୟ ପଦାର୍ଥ ଯୋଗାଡ଼ କଲା। ଆଦିଗଲ ତାର ବଡ଼ପୁଅକୁ ଯେତେବେଳେ ବାଡ଼ିରୁ କଦଳୀପତ୍ର କାଟି ଆଣିବାକୁ ପଠାଇଲା, ସେ ସେଠାରେ ସର୍ପାଘାତରେ ପ୍ରାଣ ହରାଇଲା। ମାତ୍ର ଆଦିଗଲ ସେଥିରେ ଟିକେହେଲେ ବିଚଳିତ ନ ହୋଇ ଶବକୁ ଶୁଖିଲା ପତ୍ରରେ ଘୋଡ଼ାଇ ନିଜେ ପତ୍ର ଆଣି ଆସିଲା। ତାପରେ ସେ ଯେତେବେଳେ ଗୁରୁଙ୍କ ସେବାପୂଜା କରିବାକୁ ବାହାରିଲା, ସେତେବେଳେ ଆପଣାର ସବୁ ପୁଅ ଝିଅଙ୍କୁ ପାଖରେ ବସାଇବା ପାଇଁ ଗୁରୁ ଖୋଜିଲେ। ଆଦିଗଲ ଗୁରୁଙ୍କ ଆଦେଶରେ ତାର ପିଲାମାନଙ୍କୁ ଡାକିଲା। ମୃତ ବଡ଼ ପୁଅ ମଧ୍ୟ ତା'ଡାକରେ ଉଠି ଆସିଲା। ସେ ମଧ୍ୟ ଅନ୍ୟ ମାନଙ୍କ ସହିତ ଗୁରୁଙ୍କ ପାଖରେ ଆସି ବସିଲା। ଆପ୍‌ପାର ଏ ସବୁ ଘଟଣା ଶୁଣିବା ପରେ କହିଲେ, 'ଆଦିଗଲ ତୋ ବିଶ୍ୱାସ ମୋ ଶକ୍ତିଠାରୁ ଅଧିକ। ଗୋଟିଏ ଘର ବାସୋପଯୋଗୀ ହୋଇଛି ବୋଲି ପ୍ରମାଣ ପତ୍ର ଦେଲାବେଳେ ଇଂଜିନିୟର ଘରର ମୂଳଦୁଆ ଶକ୍ତିଶାଳୀ ଓ ଗଭୀର କି ନୁହେଁ ପରୀକ୍ଷା କରି ଦେଖନ୍ତି। ସେହିପରି ଭଗବାନ ମନୁଷ୍ୟର ବିଶ୍ୱାସର ଦୃଢ଼ତା ପରୀକ୍ଷା କରିଥାଆନ୍ତି।

*ଅଲିଶା ବଜାର, କଟକ,*
*ଦୂରଭାଷ : ୯୩୩୭୨୪୨୯୫୫*

# ତିନ୍ତିବା ଦେଖି ଜଗନ୍ନାଥ..

'ଯଦା ଯଦାହି ଧର୍ମସ୍ୟ ଗ୍ଲାନିଭବତି ଭାରତ
ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।
ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍
ଧର୍ମସଂସ୍ଥାନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।'

ଧର୍ମର ପ୍ରତିଷ୍ଠା ପାଇଁ ସାଧୁମାନଙ୍କ ରକ୍ଷଣ ନିମିତ୍ତ ଯୁଗେ ଯୁଗେ ମହାପୁରୁଷ ବିଭିନ୍ନ ରୂପରେ ଧରାବତାରଣ କରି ତାଙ୍କ ଆଶ୍ରିତଜନଙ୍କୁ ରକ୍ଷା କରିଥାନ୍ତି । କିମ୍ବଦନ୍ତୀର ପୌରାଣିକ କାହାଣୀ ଅନୁଯାୟୀ ଦ୍ୱାପର ଯୁଗରେ ଆର୍ବିଭାବ ହୋଇଥିଲେ ମହାପ୍ରଭୁ ଶ୍ରୀକୃଷ୍ଣ । ପ୍ରଚଣ୍ଡ ବର୍ଷାରେ ଯମୁନାର ଦୁଇ କୂଳକୁ ପ୍ରବହମାନ ଧାରା ଭିତରେ ଘନ ବିଜୁଳିର ଚମକ ଓ ବାରିଧାରାର ଗର୍ଜନକୁ ଭୟ ନକରି ବସୁଦେବ ମୁଣ୍ଡରେ ବୋହି ନେଉଥିଲେ ପ୍ରେମମୟ ଶ୍ରୀକୃଷ୍ଣଙ୍କୁ । ଭାଗବତ୍‌କାର ଜଗନ୍ନାଥ ଦାସ ଲେଖିଛନ୍ତି 'ତିନ୍ତିବା ଦେଖି ଜଗନ୍ନାଥ ଫଣାରେ ଢ଼ାଙ୍କିଲା ଅନନ୍ତ' ସେହିପରି ଭାଗବତ୍‌ରେ ଉଲ୍ଲେଖ ରହିଛି 'ଯାହାକୁ ରଖିବେ ଅନନ୍ତ, କି କରିପାରେ ବଳବନ୍ତ' । ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ଲୀଳାତ ଯୁଗାତିତ । ଜନ୍ମାଷ୍ଟମୀ ହେଉଛି ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବର ମହାପାର୍ବଣ । ଭାଗବତକାର ଶ୍ରୀକୃଷ୍ଣଙ୍କ ଜନ୍ମକୁ ଅର୍ଦ୍ଧରାତ୍ର ବୋଲି ବର୍ଣ୍ଣନା କରିଛନ୍ତି । କୃଷ୍ଣପକ୍ଷ ଅଷ୍ଟମୀର ଅର୍ଦ୍ଧଚନ୍ଦ୍ର ଆକାଶରେ ଉଇଁ ଉଠିଲାବେଳେ ଦେବକୀ ଗର୍ଭରୁ ଜନ୍ମନେଇ ଶିଶୁ ଶ୍ରୀକୃଷ୍ଣ ଭୂମିସ୍ପର୍ଶ କରିଥିଲେ ବୋଲି ବର୍ଣ୍ଣିତ । ସୁସଜ୍ଜିତ ଆସନ ଉପରେ କୃଷ୍ଣମୂର୍ତ୍ତି ଭକ୍ତର ମନକୁ ହରଣ କରିଥାଏ । ଭକ୍ତ ଭାବବିହ୍ୱଳ ହୋଇ ମନେକରେ ସତେଯେପରି ଆଜି ସେହି ଶିଶୁକୁ ପାଇବାକୁ ପାଗଳ । ଏ ଯେଉଁ ଭାବପ୍ରବଣତା ସୃଷ୍ଟି ହୁଏ ତାହା ହିଁ ଜନ୍ମାଷ୍ଟମୀ ପର୍ବର ସାମାଜିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧ । ଜନ୍ମାଷ୍ଟମୀରେ ଉପବାସ କଲେ ବହୁତ ତପର ଫଳ ମିଳେ ବୋଲି ବର୍ଣ୍ଣିତ – 'ରବୀନ୍ଦୁ ରାହୁ, ହରିଜନ୍ମ କଳେ, ହରିବାସରେ ବା ପ୍ରାଣପ୍ରୟାଣେ, କନ୍ୟା ପ୍ରଦାନେ ଦ୍ୱିଜଭକ୍ତି ଦାନେ, ଅନ୍ନଂ ଚ ଗର୍ଭଂ ନରକଂ ପ୍ରୟାତି ।' ବର୍ଷର ବାର ମାସ ଭିତରେ ଆଷାଢ଼, ଶ୍ରାବଣ, ଭାଦ୍ରବ ଓ ଆଶ୍ୱିନ ମାସକୁ ଚତୁର୍ମାସ୍ୟା ବୋଲି କୁହାଯାଏ । ଭାଗବତ କହେ ଶ୍ରୀକୃଷ୍ଣ ଜନ୍ମଦିନ ପ୍ରଚଣ୍ଡ ଭାବରେ ଘଡ଼ଘଡ଼ି ସହ ବର୍ଷା ହୋଇଥାଏ । ତେଣୁ ଜନ୍ମାଷ୍ଟମୀରେ ଅଦ୍ୟାବଧି ମଧ୍ୟ ବର୍ଷା ହୁଏ ବୋଲି ଲୋକ


ପୁଷ୍ପମିତ୍ର ମହାପାତ୍ର

ବିଶ୍ୱାସ ରହିଛି । ଜନ୍ମାଷ୍ଟମୀ ଦୁଇଦିନ ପାଳନ କରାଯାଇଥାଏ । ଓଡ଼ିଶାରେ ଥିବା ଗୌଡ଼ୀୟ ବୈଷ୍ଣବ ମାନେ ଜନ୍ମାଷ୍ଟମୀର ପରଦିନକୁ ନନ୍ଦ ଉତ୍ସବ ଦିବସ ରୂପେ ପାଳନ କରନ୍ତି । ଜନ୍ମାଷ୍ଟମୀ ଗଭୀର ରଜନୀରେ ବସୁଦେବ ନନ୍ଦପୁରରେ ଶ୍ରୀକୃଷ୍ଣଙ୍କୁ ରଖିଆସିବା ପରେ ପରଦିନ ନନ୍ଦପୁରରେ ପୁତ୍ର ଜାନ୍ମୋତ୍ସବ ପାଳନ କରାଯାଇଥିଲା । ଏହି ଖୁସି ଓ ଆନନ୍ଦର ମହାପାର୍ବଣ ସଂପ୍ରତି ବିଭିନ୍ନ ସ୍ଥାନରେ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହେଉଛି । ରାଜ୍ୟର ବିଭିନ୍ନ ମଠ, ମନ୍ଦିର ଓ ଶ୍ରୀକୃଷ୍ଣଙ୍କ ଲୀଳାକ୍ଷେତ୍ର ସହ ପୁରୀ ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଥାଏ । ସଂପ୍ରତି ମଣିଷର ମୂଲ୍ୟବୋଧ ଦିନକୁ ଦିନ କ୍ଷୟମୁଖୀ ହେଉଥିବାବେଳେ ସବୁଠି ଭାତୃତ୍ୱର ବନ୍ଧନୀ ଓ ପ୍ରେମର ପାର୍ବଣ ଲୋଡ଼ା । ସମସ୍ତଙ୍କ ଭିତରେ ସମସ୍ତଙ୍କୁ ଭଲପାଇବା ଓ ସମସ୍ତଙ୍କ ପାଇଁ ସେବା କରିବାର ଭାବନା ଚିନ୍ତା ଓ ଚେତନା ଅଙ୍କୁରିତ ହେଉ । ଶ୍ରୀକୃଷ୍ଣ ହେଉଛନ୍ତି ପୂର୍ଣ୍ଣାତିତ, ପୂର୍ଣ୍ଣମୟ ଓ ପ୍ରେମମୟ । ତାଙ୍କରି ବାଣୀ, ତାଙ୍କରି ଜୀବନ ସମସ୍ତଙ୍କ ଜୀବନକୁ ଦିବ୍ୟମୟ କରୁ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ*
*କଟକ*

# ବିଶ୍ୱ ଜନନୀ ମଦର ଟେରେସା

ଭାରତ ପରି ସାମ୍ୟ, ମୈତ୍ରୀ, ଶାନ୍ତି ଓ ସମତାର ପବିତ୍ର ପୀଠସ୍ଥଳୀରେ ଭାରତ ବାହାରର ଜଣେ ତଥାକଥିତ ବିଦେଶିନୀ ନିଜ ଜନ୍ମଭୂମି ଯୁଗୋସ୍ଲୋଭିଆର ଆଭିଜାତ୍ୟ ପରିବାରର ସୁଖ ଆନନ୍ଦକୁ ଛାଡ଼ି ମାତ୍ର ବାର ବର୍ଷ ବୟସ ବେଳେ ନିଜ ଜୀବନକୁ ସେବାମୟ ଚିନ୍ତନରେ ଉତ୍ସର୍ଗ କରିବା ପାଇଁ ମିଶନାରୀ ସଂସ୍ଥାରେ ଯୋଗ ଦେଇଥିଲେ। କହିବାକୁଗଲେ କଣ୍ଢେଇ ଖେଳିବାର ବୟସରେ ସେ ସେବାକୁ ନିଜ ଜୀବନର ଧର୍ମଭାବେ ବ୍ରତ ଗ୍ରହଣ କରିଥିଲେ। ଆଉ ସେଇଥିପାଇଁ ୧୯୩୧ମେ ୨୪ ତାରିଖରେ ଦାର୍ଜିଲିଂରେ ପହଞ୍ଚି ସେ ନନ୍‌ଭାବରେ ତାଙ୍କର କାର୍ଯ୍ୟ ଆରମ୍ଭ କରିଥିଲେ। ସେହିଦିନ ଠାରୁ ତାଙ୍କର ପିଲାଦିନର ନାମ ଆଗ୍‌ନେସ ଗୋନ୍‌ସ୍କା ବେଜାସୁ ବିସ୍ମୃତି ଗର୍ଭରେ ଲୋପପାଇଲା। ଟେରେସା ନାମରେ ସେ ପରିଚିତ ହେଲେ। ପ୍ରଥମେ ସନ୍ନ୍ୟାସିନୀ ଜୀବନର ବ୍ରତ ଭାବରେ ପ୍ରଥମେ ଏକ କନଭେଣ୍ଟ ସ୍କୁଲର ଶିକ୍ଷୟିତ୍ରୀ ଭାବରେ ପ୍ରାୟ କୋଡ଼ିଏ ବର୍ଷ କାଳ ପିଲାମାନଙ୍କୁ ଶିକ୍ଷାଦାନ କରିଥିଲେ। ସେ ଲୋରେଟୋ କନ୍‌ଭେଣ୍ଟ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରିଥିଲେ। ତେବେ ତାଙ୍କ ମନ ଭିତରେ ଯେପରି କିଏ କହୁଥିଲା ଟେରେସା, ତୁମେ ଚାଲିଆସ ଟେରେସା, ତୁମରି ସ୍ନେହପାଇଁ, ତୁମରି ସେବା ପାଇଁ ଅସଂଖ୍ୟ ଦୀନଦରିଦ୍ର, ଦଳିତ ଦରମଲା ପ୍ରତୀକ୍ଷା କରି ରହିଛନ୍ତି। ସେହି ବାଣୀର ପ୍ରେରଣାରେ ସତକୁ ସତ ଟେରେସା ଚର୍ଚ୍ଚର ସୀମିତ ପରିବେଶ ମଧ୍ୟରୁ ନିଜକୁ ମୁକ୍ତ କରି ଆଉ ଏକ ବ୍ୟାପକତାର ଜୀବନକୁ ବରଣ କରିନେଲେ। ନିରାଶ୍ରୟ ଓ ନିଃସହାୟମାନଙ୍କର ସେବା କରିବା ଉଦ୍ଦେଶ୍ୟରେ ୧୯୪୮ରେ ସେ ପାଟନାକୁ ଚାଲିଗଲେ। ସେଠାରେ ବହୁ କୁଷ୍ଠ ଓ ଯକ୍ଷ୍ମାରୋଗୀଙ୍କର ସେବା କରିବା ପରେ ସେ କଲିକତାକୁ ଫେରିଆସିଲେ। ନିଜେ ଗୋଟିଏ ସେବାସଦନ ନିର୍ମାଣ କରି ମୁମୂର୍ଷୁମାନଙ୍କର ସେବା କରିବା ନିମିତ୍ତ ସେ ନିଜର କର୍ତ୍ତବ୍ୟ ବୋଲି ଜ୍ଞାନ କଲେ। ମୋତିଝିଲର ଏହି ଅନୁଭୂତି ହୁଏତ ତାଙ୍କର ସେବାସଦନକୁ ମୋତିଝିଲରେ ନିର୍ମାଣ କରିବାର ପ୍ରେରଣା ଦେଇଥିଲା। ନଅ ଫୁଟ ଓସାର ଓ ନଅ ଫୁଟ ଲମ୍ବା କୋଠରିକୁ ସେ ପାଞ୍ଚ ଟଙ୍କାରେ ଭଡ଼ା ନେଲେ। ତାହା ହିଁ ହେଲା ତାଙ୍କର ସେବା ଜୀବନର ପ୍ରଥମ କର୍ମପୀଠ। ଅବଶ୍ୟ ଧୀରେ ଧୀରେ ଅବସ୍ଥାର ପରିବର୍ତ୍ତନ ହେବାକୁ ଲାଗିଲା। ଏହି ସମୟରେ ମିସନାରିଜ୍ ଅଫ୍ ଚାରିଟିଜ୍ ପକ୍ଷରୁ ପାକିସ୍ଥାନକୁ ଚାଲିଯାଉଥିବା ଜଣେ ଧନୀ ମୁସଲମାନଙ୍କ ଗୃହ ଏକଲକ୍ଷ ଟଙ୍କାରେ କିଣାଯାଇ ତାହା ଟେରେସାଙ୍କର ବ୍ୟବହାର ପାଇଁ ଦିଆଯାଇଥିଲା।

ଧୀରେ ଧୀରେ ଟେରେସା ମା'ର ଭୂମିକା ଗ୍ରହଣ କରି ମଦର ଟେରେସା ଭାବରେ ନିଜର କର୍ତ୍ତବ୍ୟପଥରେ ଅଗ୍ରସର ହେବାକୁ ଲାଗିଲେ। ଜାତି, ଧର୍ମ, ବର୍ଣ୍ଣ, ଶ୍ରେଣୀ, ସଂପ୍ରଦାୟ, ଗୋଷ୍ଠୀ, ମତବାଦ ତଥା ରାଜନୈତିକ ଚିନ୍ତାଧାରା ନିର୍ବିଶେଷରେ ସେ ମଣିଷର ସେବା ଉଦ୍ଦେଶ୍ୟରେ ନିଜକୁ ଉତ୍ସର୍ଗ କରିଦେଲେ। ପରମଯୋଗକୁ ନିଜ ଜୀବନର ଧର୍ମ ଭାବରେ ସେ ଗ୍ରହଣ କରିଥିଲେ। ମୁମୂର୍ଷୁ ମାନଙ୍କର ପୀଡ଼ିତର ଯନ୍ତ୍ରଣା ତାଙ୍କ ଛାତିକୁ କ୍ଷତ ବିକ୍ଷତ କରିପକାଉଥିଲା। କେବଳ ମଣିଷ ଜାତିର ସେବା ପାଇଁ ସେ ତାଙ୍କ ଐଶ୍ୱର, କାରୁଣ୍ୟ ଓ ଯୌବନକୁ ସମର୍ପଣ କରିଦେଇଥିଲେ। ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ମାନବ ଜାତିର ସେବା ପାଇଁ ସେ ଉଦ୍‌ବିଘ୍ନ ରହୁଥିଲେ। ଭାରତ ସରକାର ତାଙ୍କୁ ୧୯୮୦ ମସିହାରେ ତାଙ୍କ ଉତ୍ସର୍ଗୀକୃତ ସେବା ଓ ଭଲପାଇବା ପାଇଁ ଭାରତର ସବୁଠାରୁ ବଡ଼ ମର୍ଯ୍ୟାଦାଜନକ ବେସାମରିକ ସମ୍ମାନ ଭାରତ ରତ୍ନ ପ୍ରଦାନ କରାଯାଇଥିଲା। କେବଳ ସେତିକି ନୁହେଁ ଭାରତର ବହୁ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାୟତନ ତାଙ୍କୁ ସମ୍ମାନସୂଚକ ଉପାଧି ପ୍ରଦାନ କରିଥିଲେ। ଏହାର ପୂର୍ବରୁ ୧୯୭୯ ମସିହାରେ ତାଙ୍କ ସେବାପରାୟଣତା ପାଇଁ ପୃଥିବୀର ଶ୍ରେଷ୍ଠ ସମ୍ମାନ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ସେ ସମୟରେ ସେ ଏହି ପୁରସ୍କାରରୁ ପାଇଥିବା ପନ୍ଦର ଲକ୍ଷ କୋଡିଏ ହଜାର ଟଙ୍କା ସେବାକାର୍ଯ୍ୟ ପାଇଁ ପ୍ରଦାନ କରିଦେଇଥିଲେ। ତାଙ୍କରି ଉଦ୍ୟମରେ ଭାରତରେ ବିଭିନ୍ନ ସ୍ଥାନରେ ଶହେତିନୋଟି ଦୁର୍ଗତ ଓ ଅସହାୟ ମାନଙ୍କ ପାଇଁ ଆଶ୍ରୟସ୍ଥଳ ଖୋଲାଯାଇଛି। ଯେଉଁଥିରେ ଦଶହଜାରରୁ ଉର୍ଦ୍ଧ୍ୱ ଅସହାୟ ନିପୀଡ଼ିତଙ୍କ ସେବା କରାଯାଉଛି। ଏହା ବ୍ୟତୀତ ଭାରତର ଷାଠିଏଟି ସ୍ଥାନରେ ବିଦ୍ୟାଳୟ ସ୍ଥାପନ କରି ପାଖାପାଖି ନଅ ହଜାରରୁ ଉର୍ଦ୍ଧ୍ୱର ଶିଶୁଙ୍କ ପାଇଁ ଶିକ୍ଷାର ବ୍ୟବସ୍ଥା ସହ ଦୁଇଶହ ତେରଟି ଚିକିତ୍ସା କେନ୍ଦ୍ରରେ ବାରହଜାରରୁ ଉର୍ଦ୍ଧ୍ୱ ଲୋକଙ୍କର ଚିକିତ୍ସା ପାଇଁ ବ୍ୟବସ୍ଥା କରିଛନ୍ତି। କହିବାକୁଗଲେ ତାଙ୍କରି ନିଷ୍ଠାର ସଫଳତାର ସେ ଥିଲେ ଏକ ଜୀବନ୍ତ ପ୍ରତୀକ। ୧୯୧୦ ମସିହାରେ ଜନ୍ମଗ୍ରହଣ କରିଥିବା ଏହି ମହୀୟସୀ ମହିଳାଙ୍କର ୧୯୯୭ ମସିହା ସେପ୍ଟେମ୍ବର ୫ ତାରିଖରେ ଜୀବନର ଅବସାନ ସାଧିତ ହେଲା। ତାଙ୍କର ନାମ ଆଗ୍‌ନେସନ୍ ଗୋନାସ୍କା – ଫୁଲର ପାଖୁଡ଼ା ନାମକୁ ସେ ସାର୍ଥକ କରିଛନ୍ତି। ମାନବର ବିଂଶ ଶତାବ୍ଦୀର ବିଶ୍ୱଯୁଦ୍ଧ କାଳିମାଗ୍ରସ୍ତ ଜୀବନ ତାଙ୍କର ସ୍ପର୍ଶରେ ପୂତ ପବିତ୍ର ହୋଇଛି। ତାଙ୍କର ମମତା ସ୍ନିଗ୍ଧ ପ୍ରାଣର ମହାନତାର ସିଂହାସନରେ ଅଧିଷ୍ଠିତ ହୋଇ ସେ ବିଶ୍ୱ ଜନନୀ ହୋଇଅଛନ୍ତି। ତାଙ୍କର ଜୀବନର ବାର୍ତ୍ତାଥିଲା; ସେବା ଓ ପ୍ରାର୍ଥନା ମାଧ୍ୟମରେ ମଣିଷ ପବିତ୍ର ଜୀବନଯାପନ କରିବାକୁ ସମର୍ଥ ହେବ। ସତର ବର୍ଷରେ ଭାରତରେ ପଦାର୍ପଣ କରି ସତାଅଶୀ ବର୍ଷ ପର୍ଯ୍ୟନ୍ତ ଦୀର୍ଘ ସତୁରି ବର୍ଷ କାଳ ସେ ସେବାକାର୍ଯ୍ୟରେ ନିଜକୁ ସମର୍ପଣ କରି ଈଶ୍ୱରଙ୍କୁ ପ୍ରାର୍ଥନା କରି ସେ ମାନବଜାତିକୁ ଯଥାର୍ଥ ଶିକ୍ଷା ପ୍ରଦାନ କରିଛନ୍ତି। ନିଃସ୍ୱ-ନିଃସହାୟ, ନିରନ୍ନ-ନିପୀଡ଼ିତ ସେବା ଈଶ୍ୱରପ୍ରାପ୍ତିର ପାବଚ୍ଛବୋଲି ତାଙ୍କର ସମଗ୍ର ଜୀବନକାଳରେ ସେ ପ୍ରତିପାଦନ କରିଛନ୍ତି।


ଡ଼ଃ.ଅରୁନ୍ଧତୀ ଦେବୀ

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ,*
*କଟକ,*
*ଦୂରଭାଷ : ୯୯୩୭୧୭୨୮୧୦*




# ସନ୍ଥକବି ଭୀମଭୋଇ



ଏକ ସମୟରେ ମହିମା ବା ଅଲେଖ ଧର୍ମ ଓଡ଼ିଆ ସାହିତ୍ୟ ଓ ଧାର୍ମିକ ସାମାଜିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିଲା। ସମାଜରେ ପ୍ରଚଳିତ ଜାତିଭେଦ, ପ୍ରତିମା ପୂଜା, ତେତିଶ କୋଟି ଦେବାଦେବୀଙ୍କ କଳ୍ପନା ଆରାଧନା ଓ ବାହ୍ୟ ଆଡ଼ମ୍ବରକୁ ଏହା ପ୍ରତ୍ୟାଖ୍ୟାନ କରିଥିଲା। ଏହି ଧର୍ମର ଅନ୍ୟତମ ମୁଖ୍ୟ ପୁରୋଧା ଥିଲେ ଗୃହୀ ଶିଷ୍ୟ ଭୀମ ଭୋଇ। ତାଙ୍କ ଅନୁଗାମୀମାନେ, ତାଙ୍କୁ ଅଯୋନିସଂଭୂତ ଭାବେ ଗ୍ରହଣ କରିଛନ୍ତି। ସେମାନଙ୍କ ଦୃଷ୍ଟିରେ ସେ ଭଗବାନଙ୍କ ଅବତାର ଏବଂ ଅଲେଖ ପୁତ୍ର। ସ୍ୱରଚିତ ସ୍ତୁତି ଚିନ୍ତାମଣିରେ ମଧ୍ୟ ସେ ଏହାର ସୂଚନା ଦେଇଛନ୍ତି ପିତା ଅଟନ୍ତି ମୋ ଅନାଦି ଠାକୁର, ମାତା ଆଦିଶକ୍ତି ନାରୀ, ଦୂତୀ ଯୁଗଳରୁ ଜନମ ଲଭିଛି, କବିକୃତ କଳା ଧରି। ପଞ୍ଚସଖା ଯୁଗର ପରମ ସାଧକ ଅଚ୍ୟୁତାନନ୍ଦ ଦାସ, ତାଙ୍କର ସଂହିତାମାନଙ୍କରେ ଲେଖିଛନ୍ତି, ରାଧା ମାନବ ରୂପ ଧାରଣ କରି କନ୍ଧ ଗୃହରେ ଜନ୍ମ ହେବେ। ଭୀମ ଭୋଇ ନିଜ ଇଛା ଅନୁସାରେ ନାରୀ ରୂପ ଧାରଣ କରିପାରୁଥିଲେ। ଏହା ଅଧ୍ୟାପକ ଶତ୍ରୁଘ୍ନ ନାଥଙ୍କ ସନ୍ଥକବି ଭୀମ ଭୋଇ ପୁସ୍ତକରେ ଉଲ୍ଲେଖିତ। ଥରେ ବାବା ଗଙ୍ଗାଧର ଦାସଙ୍କୁ ଜଙ୍ଗଲରେ ସେ ନାରୀ ରୂପ ଦେଖାଇଥିଲେ। ଅନାଦି ସଂହିତାରେ ଅଚ୍ୟୁତାନନ୍ଦ ଲେଖିଛନ୍ତି 'ଶୁଣଗୋ ସିଦ୍ଧଙ୍କ ବନିତା, ସେ ଭୀମସେନର କଥା। ପୂର୍ବେ ସେ ମହାଶୂନ୍ୟବାସୀ, ରାଧାଙ୍କ ଯେ ଅରୂପ ଅଂଶୀ'। ତାଙ୍କୁ ଏଭଳି ଚିତ୍ରଣ କରାଯାଇଥିବା ବେଳେ ସେ ଥିଲେ ଶ୍ରୀଜଗନ୍ନାଥ ଆରାଧନାର ତୀବ୍ର ବିରୋଧୀ। ପୁରୀରେ ଶ୍ରୀଜଗନ୍ନାଥ ପୂଜା ବନ୍ଦ କରିବା ପାଇଁ ଉଦ୍ୟମ କରିଥିଲେ। ମହିମା ଧର୍ମର ପ୍ରଚାର ପ୍ରସାରରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଓ ପ୍ରାତଃ ସ୍ମରଣୀୟ। ତାଙ୍କ ଲେଖନୀ ମୁନରେ ସେ ଏହି ଧର୍ମ ବିଷୟରେ ଅନେକ କାଳଜୟୀ ରଜନା ସୃଷ୍ଟି କରିଛନ୍ତି। ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ କାହା ଠାରୁ ବିନ୍ଦୁର ସାହାଯ୍ୟ ବି ଚାହିଁ ନାହାଁନ୍ତି। ସରଳ, ନିଃସ୍ୱାର୍ଥପର ଓ ସମାଜ ସେବା ପାଇଁ ତାଙ୍କ ତମାମ ଜୀବନ ସମର୍ପିତ ଥିଲା। ଆଜିର ସମୟରେ ଭୀମଭୋଇଙ୍କ ପରି ସ୍ରଷ୍ଟା ଓ ଆଧ୍ୟାତ୍ମିକ ସାଧକ ଅତ୍ୟନ୍ତ ବିରଳ। ପ୍ରତିଟି ଶ୍ୱାସପ୍ରଶ୍ୱାସରେ ହିଁ ତାଙ୍କର ମହିମା ଚେତନାର ବାର୍ତ୍ତା ଓ ଭାବନା ରହିଥିଲା। ସେ ସମୟରେ ସେ ନିଜେ ଜଣେ ଗରିବ ହୋଇ ମଧ୍ୟ ଅନେକ ଅସହାୟ ଗରିବ ପରିବାର ପାଇଁ ସାହାଯ୍ୟର ହାତ ବଢ଼ାଇଥିଲେ। ତିଥି ଅନୁସାରେ ଭୀମ ଭୋଇ ବୈଶାଖ ପୂର୍ଣ୍ଣମୀରେ ତାରିଖ ଅନୁସାରେ (ମଇ ୧୦) ରେଢ଼ାଖୋଲର କଟାସିଙ୍ଗାରେ ଜନ୍ମ ହୋଇଥିବା ବିଶ୍ୱାସ କରାଯାଏ।

# ଆହ୍ୱାନ ପକ୍ଷରୁ ବିଶ୍ୱ ମାତୃଦିବସ ପାଳନ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଆହ୍ୱାନ' ପକ୍ଷରୁ ଉପ-ସଭାପତି ପାଣ୍ଡବ ଚରଣ ସାହୁଙ୍କ ଅଧକ୍ଷତାରେ ସନ୍ଧ୍ୟା ୬ ଘଟିକା ସମୟରେ ବିଶ୍ୱା ମାତୃଦିବସ ପାଳନ କରାଯାଇଥିଲା। ମା' ବିରଜା ଓ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ମୁଖ୍ୟ ଅତିଥି ପଣ୍ଡିତ ଭୂପତିଭୂଷଣ ମିଶ୍ର ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମାତୃ ଜାତି ଚିର ବନ୍ଦନୀୟା ଓ ମା' ମାନଙ୍କର ଋଣ କେହି କେବେ ସୁଝି ପାରିବେ ନାହିଁ ବୋଲି ଦୃଢ଼ତାର ସହ ପଣ୍ଡିତ ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ଅଧିକାରୀ ନବକିଶୋର ଦାସ ଯୋଗାଦେଇ ସତ୍ୟ, ଦ୍ୱାପର, ତ୍ରେତୟା ଏବଂ କଳିଯୁଗରେ ବିଶ୍ୱବିଦିତ ମହିୟସୀ ନାରୀ ମାନଙ୍କର ଉପାଖ୍ୟାନ ବର୍ଣ୍ଣନା କରିଥିଲେ। ମୁଖ୍ୟ ଉପଦେଷ୍ଟା ହୃଷୀକେଶ ପତି ଏବଂ ଉପଦେଷ୍ଟା ତପନ କୁମାର ମହାରଣ୍ୟ ଶର୍ମା ଓ ମନୋଜା ରାୟ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତୃଦିବସ ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଦମୟନ୍ତୀ ସାହୁ, ସରସ୍ୱତୀ ପୃଷ୍ଟି ଏବଂ ଶାନ୍ତିଲତା ସାହୁ ପ୍ରମୁଖ ପୂଜା କରାଯିବା ସହ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା। ସଂପାଦକ ବିଶ୍ୱଜିତ ସାହୁ ସଂପାଦକୀୟ ବିବରଣୀ ଅତିଥି ପରିଚୟ ଏବଂ ସଂଗୀତ ଗାନ କରିଥିଲେ। ଏହି ଉତ୍ସବରେ ରଶ୍ମିକାନ୍ତ ପରିଡ଼ା ଓ ରଂଜିତା ପରିଡ଼ା ନୂତନ ଭାବେ ଆହ୍ୱାନରେ ଯୋଗଦେଇ ଶୁଭକାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜୁଶହା, ସୌମ୍ୟଜିତ ସାହୁ, ଜୟଦେବ ରାଉତ, ବୈଜୟନ୍ତୀ ବେହେର, ମହେଶ ମହାନ୍ତି, ସସ୍ମିତା ସାହୁ, ଶୁଭ୍ରଜିତ ସାହୁ, ରାଜେନ୍ଦ୍ର ସାହୁ ଓ ସାଇ ଓମ୍ ପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସହ ସଂପାଦକ ଅକ୍ଷୟ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ

ଖୋର୍ଦ୍ଧା (ପିଏନ୍)-ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ ହୋଇଯାଇଛି। ଫିଲିମରେ ତିନୋଟି ଗୀତ ରହିଥିବା ବେଳେ ଏଥିରେ ଡ଼କ୍ଟର ନିର୍ମଳ ନାୟକ ଓ ଅଭିଜିତ୍ ମଜୁମଦାରଙ୍କ ଜୋଡ଼ି ପୁଣି ଥରେ ଦେଖିବାକୁ ମିଳିବ। ଯେଉଁଥିରେ ଭାଉଜ ଓ ଭାଉଜ ଗୀତଟି ମାର୍କେଟରେ ଚହଳ ସୃଷ୍ଟି କରିବ ବୋଲି ଜୀ ସାର୍ଥକ ଆଶା ପ୍ରକଟ କରିଛି। ଏହି ଗୀତକୁ ନିଜେ ପପୁ ପମ୍‌ପମ୍ ଗାଇଥିବା ବେଳେ ତାଙ୍କ ସହ ଗାଇଛନ୍ତି ସ୍ମୃତି ସେହିପରି ଏକ ଦୋ ତିନି ଚାର, ଚାରିଆଡ଼େ ଦିଶୁଛି ମୋ ପ୍ୟାର। ଗୀତକୁ ଗାଇଛନ୍ତି ଅଭିଜିଦ ମଜୁମଦାର ଓ ସଂଜୁ। ଛାଡ଼ରେ ସାଙ୍ଗ ଗନ୍ଧିଆ କଥା ଗୀତକୁ ଈଶ୍ୱରୀ ଗାଇଛନ୍ତି। ସମସ୍ତ ଗୀତକୁ ଡ଼କ୍ଟର ନିର୍ମଳ ନାୟକ ଲେଖିଥିବା ବେଳେ ସଂଗୀତରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର ସବୁତକ ଗୀତ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ପୁରାଟିମ୍ ଆଶାବାଦୀ। ଆସନ୍ତା ୧୫ ତାରିଖ ସନ୍ଧ୍ୟା ୬ଟା ୩୦ମି.ରେ ଏହି ମୁଭିଟି ଜୀସାର୍ଥକରେ ରିଲିଜ ହେବ। କିନ୍ତୁ ତା ପୂର୍ବରୁ ଅଡ଼ିଓ ରିଲିଜ୍ କରିବାର ପରମ୍ପରା ଆରମ୍ଭ କରିଛି ଜୀ ସାର୍ଥକ। ଓଲିଉଡ଼ରେ ନୂଆ ମାଇଲ ଷ୍ଟୋନ ତିଆରି କରିପାରିଛି। ଜୀ ସାର୍ଥକ ଫିଲିମ୍ ଓ ଲିପ୍ସା ପ୍ରଡ଼କ୍ସନ ବ୍ୟାନରରେ ନିର୍ମାଣ ହେଉଛି ନୂଆ ସିନେମା ଡ଼ିଟେକ୍ଟିଭ୍ କରନ ଅର୍ଜୁନ ଏହି ଚଳଚିତ୍ରରେ ନୂଆ ଅବତାରରେ କମେଡ଼ି କିଂ ପପୁ ପମ୍‌ପମ୍‌କୁ ଦେଖିବାକୁ ମିଳିବ। ତାଙ୍କ ସହ ପ୍ରଜ୍ଞା ଖଟୁଆଙ୍କ ଦମ୍‌ଦାର ଅଭିନୟର ମଜା ପାଇବେ ଦର୍ଶକ। ଉଭୟ ପପୁ ଓ ପ୍ରଜ୍ଞା କରନ ଅର୍ଜୁନ ଭୂମିକାରେ ଅଭିନୟ କରୁଛନ୍ତି। ସେହିପରି ନାୟିକା ସାଜିଛନ୍ତି ଅଭିନେତ୍ରୀ ପ୍ରୀୟଙ୍କା ମହାନ୍ତି, ପ୍ରିୟଙ୍କା ମହାପାତ୍ର ଓ ଲିପସା ମିଶ୍ର ଅନ୍ୟମାନଙ୍କ ମଧ୍ୟରେ ଟୁକୁନା, ପ୍ରଜ୍ଞା ମହାନ୍ତି, ଜୀବନ ପଣ୍ଡା, କୁନା ତ୍ରିପାଠୀ, ହାଡ୍ଡୁ, ଅରବିନ୍ଦ ଷଡଙ୍ଗୀ, ରାଜିବ, କାଳୀ, ମନୋଜ, ସୁଶା, ଦିଗ୍‌ବିଜୟ, ସୁମିତ ଓ ସଂଗ୍ରାମ ପ୍ରମୁଖ ଅଭିନୟ କରିଛନ୍ତି। ପପୁ ପମ୍‌ପମ୍ ନିଜେ ସିନେମାର କାହାଣୀ ଲେଖିଥିବା ବେଳେ ଅଶ୍ୱିନି ଗଡ଼ନାୟକ ନିର୍ଦ୍ଦେଶନା ଦେଇଛନ୍ତି। ଏହାର ସଂଳାପ ଲେଖିଛନ୍ତି ଟୁକୁନା। ଚଳଚିତ୍ରର କାହାଣୀ ସହ ସଂଗୀତ ମଧ୍ୟ ଲୋକାଦୃତ ହୋଇପାରିବ ବୋଲି ଜୀ ସାର୍ଥକ ପକ୍ଷରୁ ଆଶା ପ୍ରକଟ କରାଯାଇଛି।

# ମା' ରାମଚଣ୍ଡୀଙ୍କ ପୀଠରେ ହାଣ୍ଡିଭଙ୍ଗା ଯାତ

ପ୍ରାଚୀନ ଅର୍କକ୍ଷେତ୍ରର ରକ୍ଷାକର୍ତ୍ତ୍ରୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା' ରାମଚଣ୍ଡୀ ହେଉଛନ୍ତି ଶ୍ରେଷ୍ଠ ତଥା ଅଧିଷ୍ଠାତ୍ରୀ ଦେବୀ। ମା' ରାମଚଣ୍ଡୀଙ୍କ ଅବସ୍ଥିତି ଓ ମାହାତ୍ମ୍ୟ ସଂପର୍କରେ ମାଦଳା ପାଞ୍ଜି, ସାରଳା ମହାଭାରତ, ପ୍ରାଚୀ ମାହାତ୍ମ୍ୟ, ପୁରୁଷୋତ୍ତମ ମାହାତ୍ମ୍ୟ, ତଥା ବିଭିନ୍ନ ଐତିହାସିକ ବିବରଣୀରୁ ସୂଚନା ମିଳେ। ଏତଦ୍‌ବ୍ୟତିତ ଲୋକମୁଖରେ ମା'ଙ୍କ ସଂପର୍କରେ ଅନେକ କିମ୍ବଦନ୍ତୀ ମଧ୍ୟ ଶୁଣିବାକୁ ମିଳେ। ମା'ଙ୍କ ପୀଠରେ ବର୍ଷତମାମ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ଓ ନିଆରା ପର୍ବ ହେଉଛି ହାଣ୍ଡିଭଙ୍ଗା ଯାତ। ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ଏହି ପର୍ବ ପାଳନ କରାଯାଇଥାଏ। ଏହା ଓଡ଼ିଆଣୀ କୁଳବଧୁମାନଙ୍କର ଏକ ନିଆରା ପର୍ବ। କାହିଁ କେଉଁ କାଳରୁ ପୁରୁଷାନୁକ୍ରମେ ଖାଲକଟାପାଟଣା ଓ ଟିକନା ଗ୍ରାମର କୁଳବଧୂମାନେ ନିଜ ପରିବାରର ଶୁଭ ମନାସି ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତକୁ ମହାଆଡ଼ମ୍ବରରେ ପାଳନ କରିଥାନ୍ତି। ଘଞ୍ଚ ଜଙ୍ଗଲ ଓ ସମୁଦ୍ରକୂଳରେ ଏହି ଦୁଇଟି ଗ୍ରାମର ଅବସ୍ଥିତି ଥିବାରୁ ଜଙ୍ଗଲି ଜୀବଜନ୍ତୁଙ୍କ ଆକ୍ରମଣ ଓ ସମୁଦ୍ର ମାଡ଼ି ନ ଆସିବା ପାଇଁ ଗ୍ରାମର କୂଳବଧୂମାନେ ମା' ରାମଚଣ୍ଡୀଙ୍କ ନିକଟରେ





ହାଣ୍ଡିଭଙ୍ଗାଯାତକୁ ପୁରୁଷାନୁକ୍ରମେ ପାଳନ କରି ଆସୁଛନ୍ତି।

ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ମା'ଙ୍କ ପୀଠରେ ଏହି ନିଆରା ପର୍ବ ହାଣ୍ଡିଭଙ୍ଗା ଯାତ ଧୁମଧାମରେ ପାଳିତ ହୋଇଥାଏ। ମା'ଙ୍କ ପୀଠ ସଂଲଗ୍ନ ଟିକନା ଓ ଖାଲକଟାପାଟଣା ଗ୍ରାମର କୁଳବଧୂମାନେ ଏହି ପବିତ୍ର ଦିନରେ ଉପବାସ ବ୍ରତ ପାଳନ କରି ଏକତ୍ର ହୁଳହୁଳି ପକାଇ ଗ୍ରାମରୁ ବାହାରିଥାନ୍ତି। ମା' ରାମଚଣ୍ଡୀଙ୍କ ନିମନ୍ତେ କୁଳବଧୂମାନେ ଗାଧୁଆ ସଜ ଧରି ପବିତ୍ର ପୀଠରେ ପହଞ୍ଚିବା



ପରେ ମା'ଙ୍କ ପୂଜକ ଗାଧୁଆ ନୀତି ସମ୍ପନ୍ନ କରିଥାନ୍ତି। ପ୍ରତ୍ୟେକ ମହିଳା ପରିଧାନ କରିଥିବା ନୂଆ ଲୁଗା କାନିରେ ବାନ୍ଧି ଆଣିଥାନ୍ତି ହାଣ୍ଡିରନ୍ଧା ସାମଗ୍ରୀ। ମା'ଙ୍କ ମନ୍ଦିର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ଥିବା ହାଣ୍ଡିରନ୍ଧା ଚୁଲାରେ ସମୂହ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ ହୋଇଥାଏ। ମନ୍ଦିରର ପୂଜକ ଓ ମାଳି ମା'ଙ୍କ ରୋଷଘର ଚୁଲାରୁ ଅଗ୍ନୀ ଆଣି ପ୍ରତ୍ୟେକ ମହିଳାଙ୍କ ଚୁଲିରେ ଅଗ୍ନୀ ସଂଯୋଗ କରିବା ସହିତ ଖୀରିକୋଲି ଡାଙ୍ଗରେ ପ୍ରସ୍ତୁତ ଚଟୁ ଯୋଗାଇ ଦେବାପରେ ମହିଳାମାନେ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ କରିଥାନ୍ତି। ମହିଳାମାନେ ଘରୁ ଆଣିଥିବା ଅରୁଆଚାଉଳ, ମୁଗ, ଚିନି, ଘିଅ ଓ ପରିବାକୁ ମିଶାଇ ନୂଆ ମାଟିହାଣ୍ଡିରେ ଖେଚୁଡ଼ି ପ୍ରସ୍ତୁତ କରିଥାନ୍ତି। ଏହି ସମୟରେ ମା'ଙ୍କ ରୋଷେଇଘରେ ପୂଜକ ମଧ ନୂଆ ମାଟିହାଣ୍ଡିରେ ଅନୁରୂପଭାବେ ଖେଚୁଡ଼ି ପ୍ରସ୍ତୁତ କରିବାପରେ ମା'ଙ୍କ ନିକଟରେ ଭୋଗ ଲଗାଇଥାନ୍ତି। ଏହାପରେ ହାଣ୍ଡିରନ୍ଧା ଖେଚୁଡ଼ିକୁ ପୂଜକ ଓ ମହିଳାମାନେ କଦଳୀ ପତ୍ରରେ ବାଢିଥାନ୍ତି। ଖେଚୁଡ଼ିର ସିଂହଭାଗ ଅଂଶକୁ ଦୁଇଟି ବାଟୁଳା କରି ବାଘ ଓ ବାଘୁଣୀଙ୍କ ନିମନ୍ତେ ହାଣ୍ଡିରେ ରଖିବା ପରେ ଅବଶିଷ୍ଟ ଖେଚୁଡ଼ିକୁ ସେବନ କରି ବଳକା ଖେଚୁଡ଼ି ହାଣ୍ଡିକୁ ଧରି ପୂଜକ ହାଣ୍ଡିଭଙ୍ଗା ବନ୍ତ ଅଭିମୁଖେ ଆଗେ ଆଗେ ଯିବା ବେଳେ ମହିଳାମାନେ ନିଜ ନିଜ ହାଣ୍ଡିକୁ ଧରି ନୀରବତା



ଅବଲମ୍ବନ କରି ତାଙ୍କୁ ଅନୁସରଣ କରିଥାନ୍ତି। ମା'ଙ୍କ ମନ୍ଦିରର ପଶ୍ଚିମ-ଉତ୍ତର କୋଣର ୨୦୦ମିଟର ଦୂରରେ ଥିବା ହାଣ୍ଡିଭଙ୍ଗା ବନ୍ତରେ ପହଞ୍ଚି ଏହି ବନ୍ତକୁ ସାତଥର ପ୍ରଦିକ୍ଷଣ କରିବା ପରେ ବନ୍ତ ଚୂଡ଼ାରେ



ଥିବା ଶିଳା ଉପରେ ହାଣ୍ଡିକୁ କଚାଡ଼ି ଭାଙ୍ଗିଥାନ୍ତି। ଏହାପରେ ମହିଳାମାନେ ଏକମୁହାଁ ହୋଇ ୩୦୦ ମିଟର ଦୂରରେ ଥିବା ହାତଧୁଆ ଝରଣାରେ ହାତ ଧୋଇ ଗ୍ରାମଦେବତୀ ଖାଲକୋଠୀଙ୍କୁ ମୁଣ୍ଡିଆମାରୀ ଘରକୁ ଫେରିଥାନ୍ତି। ଯେଉଁ ମହିଳାଙ୍କ ହାଣ୍ଡିର ମୁଣ୍ଡୁଳି ଭାଙ୍ଗିନଥାଏ ସଂପୃକ୍ତ ମହିଳା ନିଜ ପରିବାରରେ କୌଣସି ଅମଙ୍ଗଳ ନ ହେବା ପାଇଁ ରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ଶୁକ୍ରବାର ପ୍ରତ୍ୟୁଷରେ ମା'ଙ୍କ ପାଖରେ ଗୁହାରିଆ ପଡ଼ିବାର ବିଧି ରହିଛି।

ଏହି ଅବସରରେ ବିଶ୍ୱ ଶାନ୍ତି ନିମନ୍ତେ ମା'ଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତର ଦୁଇଦିନ ପୂର୍ବରୁ ତ୍ରିଦିବସୀୟ ଚଣ୍ଡୀମହାଯଜ୍ଞ ଆୟୋଜିତ ହୋଇଥାଏ। ହାଣ୍ଡିଭଙ୍ଗା ଯାତ ଦିନ ପ୍ରତ୍ୟୁଷରେ ମା' ରାମଚଣ୍ଡୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ସକାଳ ମଙ୍ଗଳ ଆଳତି ଓ ରାତିରେ ବଡ଼ସିଂହାର ଧୂପ ଆଳତିକୁ ମିଶାଇ ମାଆଙ୍କ ନିକଟରେ ମୋଟ ୫ ଥର ଆଳତି କରାଯାଇଥାଏ। ମା'ରାମଚଣ୍ଡୀଙ୍କର ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦିନତମାମ ଲାଗିରହିଥାଏ। ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଥାଏ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ସହାୟତାରେ ମା' ରାମଚଣ୍ଡୀ ଉନ୍ନୟନ କମିଟି, ମା' ରାମଚଣ୍ଡୀ ବଜାର କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥାନ୍ତି।

ଏଠାରେ ସୂଚନା ଥାଉକି ୨୦୧୯ ମସିହାରେ ସାମଦ୍ରିକ ଝଡ ଫନି ଓ ୨୦୨୦ ଏବଂ ୨୦୨୧ ମସିହାରେ ମହାମାରୀ କରୋନା ପାଇଁ ମା'ଙ୍କ ପୀଠରେ ଜାକଜମକରେ ପାଳନ ହୋଇପାରି ନଥିଲା



ହଣ୍ଡିଭଙ୍ଗା ଯାତ। କେବଳ ପରମ୍ପରା ରକ୍ଷା କରାଯାଇଥିଲା। ଚଳିତ ବର୍ଷ ୧୦ତାରିଖରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ବିଶ୍ୱ ଶାନ୍ତି ମହାଯଜ୍ଞ ବୈଶାଖ ମାସ ଶେଷ ଗୁରୁବାର ୧୨ତାରିଖରେ ଉଦଯାପିତ ହେବ। ଏହି ଅବସରରେ ୧୦ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ୧୦ ତାରିଖ ଚଣ୍ଡୀ ମହାଯଜ୍ଞ ଓ ସନ୍ଧ୍ୟା ୬ଟାରେ ଖାଲକଟାପାଟଣା ଗ୍ରାମର ମା' ଜାଗେଶ୍ୱରୀ ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯିବ। ୧୧ ତାରିଖ ସନ୍ଧ୍ୟା ୬ଟାରେ କଟକ ବାଦାମବାଡିର ମା' ସାରଳା ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ ଏବଂ ରାତ୍ର ୧୦ଟାରେ ନୟାଗଡ ବୁଢିଆଳିର ରଘୁନାଥ କିୟୁ



ରାମନାଟ ସଂସଦ ପକ୍ଷରୁ ଲବକୁଶ ଜନ୍ମ ପରିବେଷଣ କରାଯିବ। ୧୨ ତାରିଖ ଗୁରୁବାର ମା' ରାମଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତ, ଚଣ୍ଡୀ ମହାଯଜ୍ଞର ପୂର୍ଣ୍ଣାହୁତି, ସନ୍ଧ୍ୟା ୬ଘଟିକା ମା' ଖଣ୍ଡୁଆଳି ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ, ସନ୍ଧ୍ୟା ୭ଟାରେ ଓଡିଶୀ ସଂକୀର୍ତ୍ତନ ପରିବେଷଣ, ରାତ୍ର ୮ଟାରେ ସାଧାରଣ



ସଭା ଓ ରାତ୍ର ୯ଟାରେ ନୟାଗଡ ପୁଆଣିଆର ମା' ବ୍ରହ୍ମଣ ଦେବୀ ରାମନାଟ ସଂସଦ ପକ୍ଷରୁ ଲକ୍ଷ୍ମଣ ଶକ୍ତି ଭେଦ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସୁବାସ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବେହେରା, ଲୋକନାଥ ନାୟକ, ନରେନ୍ଦ୍ର ପରିଡା, ଚନ୍ଦ୍ରନ ବେହେରା, ଅନିଲ



ନାୟକ, ସଦାଶିବ ନାୟକ, ରବିନ୍ଦ୍ର ଦାସ, ସନାତନ ବେହେରା, ପ୍ରକାଶ ବେହେରା, ରାମଚନ୍ଦ୍ର ନାୟକ, ସନାତନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG.,
Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ୟୁଏଆଇଏଲ ପକ୍ଷରୁ ୫୪ତମ ସୁରକ୍ଷା ସପ୍ତାହ ପାଳିତ



ରାୟଗଡା, (ପି.ଏନ): ରାୟଗଡା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା କମ୍ପାନୀ ପକ୍ଷରୁ ୫୪ତମ ସୁରକ୍ଷା ସପ୍ତାହ ପାଳିତ ହୋଉଯାଇଅଛି । ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ବିକଶିତ ଭାରତ ପାଇଁ ଗୁରୁତ୍ୱପୂର୍ଣ ଉଦ୍ଦେଶ୍ୟ ନେଇ କମ୍ପାନୀ ପରିସରରେ ଏହି କାଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାରଖାନା ମୁଖ୍ୟ ରବି ନାରାୟଣ ମିଶ୍ର ଯୋଗ ଦେଇ ସୁରକ୍ଷା ଶପଥକୁ ଆନୁଷ୍ଠାନିକ ଭାବେ ଉଦଘାଟିତ କରିଥିଲେ । ଏହି ଅବସରରେ କାରଖାନାରେ କାର୍ଯ୍ୟରତ କର୍ମଚ଼ାରୀଙ୍କୁ ସଚେତନତା ନିମନ୍ତେ ଶ୍ରୀ ମିଶ୍ରଙ୍କ ଦ୍ୱାରା ଏକ ସଚେତନାତା ରଥ ଶୁଭାରମ୍ଭ ହୋଇଯାଇଅଛି । ଏଥିସହିତ କାରଖାନା ପରିସରରେ କର୍ମଚ଼ାରୀଙ୍କ ଦ୍ୱାରା ଶୋଭାଯାତ୍ରା ବାହାରି କାରଖାନା ସିସିଆର କାର୍ଯ୍ୟାଳୟରେ ପହଂଚ଼ି ଥିଲା । କାର୍ଯ୍ୟକ୍ରମରେ ଉଦବୋଧନ ଦେଇ କାରଖାନା ମୁଖ୍ୟ ଶ୍ରୀ ମିଶ୍ର, କର୍ମଚ଼ାରୀଙ୍କୁ ସୁରକ୍ଷା ସଂକ୍ରାନ୍ତରେ ସଚେତନତା ସହ ନିଜ କାର୍ଯ୍ୟସ୍ଥଳରେ କିପରି ସୁରକ୍ଷା ନିର୍ଦ୍ଦେଶାବଳୀ ଅନୁପାଳନ କରିବେ ସେନେଇ ମନ୍ତବ୍ୟ ଦେଇଥିଲେ । ଯଦି କାରଖାନା ପରିସରରେ ସୁରକ୍ଷା ସଂକ୍ରାନ୍ତୀୟ ମାର୍ଗଦର୍ଶିକା ପାଳନ ନହୁଏ, କର୍ମଚ଼ାରୀ ଉକ୍ତ କାର୍ଯ୍ୟ ନକରି ତୁରନ୍ତ ବିଭାଗୀୟ ଅଧିକାରୀଙ୍କୁ ମନା କରିପାରିବେ ବୋଲି ସେ କହିଥିଲେ । କାରଖାନାର ପ୍ରତ୍ୟେକ କର୍ମଚ଼ାରୀ ସୁରକ୍ଷା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବକୁ ଶ୍ରୀ ମିଶ୍ର ପରାମର୍ଶ ଦେଇଛନ୍ତି । ତେବେ କାରଖାନାର ସମସ୍ତ ବିଭାଗରେ କାର୍ଯ୍ୟରତ କର୍ମଚ଼ାରୀଙ୍କୁ ଓଡ଼ିଆ ଏବଂ ଇଂରାଜୀରେ ଶପଥ ପାଠ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଜୟ କୁମରା ଏଫଏଚ୍ ମାନବସମ୍ବଳ, ଉତ୍ତମ ଗିରି, ଏଫଏଚ୍ ଅପରେଶନ, ବିଶ୍ୱଜିତ ଜୋବରଦାର ଏଫଏଚ୍ ସେଫଟି ଓ ଫାୟାରଙ୍କ ସମେତ ସମସ୍ତ ବିଭାଗୀୟ ମୁଖ୍ୟ ଏବଂ କର୍ମଚ଼ାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## କୁରୁଜଙ୍ଗ ପଞ୍ଚାୟତରେ ସୁଭଦ୍ରା ଶୋଭାଯାତ୍ରା ଆୟୋଜିତ

କୋଣାର୍କ,(ପି,ଏନ): ପୁରୀ ଜିଲ୍ଲା କୋଣାର୍କ ଥାନା ଅନ୍ତର୍ଗତ କୁରୁଜଙ୍ଗ ପଞ୍ଚାୟତରେ ଘରେ ଘରେ ସୁଭଦ୍ରା ସଚେତନତା ବାର୍ତ୍ତା ନେଇ ବୁଧବାର ସକାଳେ ସୁଭଦ୍ରା ଶୋଭାଯାତ୍ରା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ସହାୟତାରେ କାକଟପୁର ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସିଡ଼ିପିଓ ମେରୀ ମାଇକେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାଏବସରପଞ୍ଚ ପ୍ରତାପ କୁମାର ପାତ୍ର, ସାମାଜିକକର୍ମୀ ଜ୍ଞାନ ରଞ୍ଜନ ବିଶ୍ୱାଳ, ମହିଳା ମହାସଂଘ ସମ୍ପାଦିକା ଭାଗ୍ୟଲକ୍ଷ୍ମି ସେନାପତି, ୱାର୍ଡ ସଭ୍ୟା ମମତା ବେହେରା ପ୍ରମୁଖ ଯୋଗ ଦେଇ ସୁଭଦ୍ରା ଯୋଜନାର ଉପକାରିତା ସମ୍ପର୍କରେ ଉପସ୍ଥିତ ମହିଳାଙ୍କୁ ଅବଗତ କରାଇ ସଚେତନତା କରିଥିଲେ । ଶିଶୁ ବିକାଶ ଯୋଜନା ବାଲିଦୋକାନ ସୁପରଭାଇଜର ଶ୍ରୀମତୀ ପ୍ରତିମା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏକ ସଚେତନା ଶୋଭାଯାତ୍ରା ଆୟୋଜିତ ହୋଇଥିଲା ।

# ରାୟଗଡା ଜିଲ୍ଲା କୁଣ୍ଡମ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ



ରାୟଗଡା,(ପି.ଏନ): ରାୟଗଡା ଜିଲ୍ଲା ଡାଙ୍ଗଲୋଡି ବ୍ଲକ, କୁଣ୍ଡମ ଠାରେ ୦୪/୦୩/୨୦୨୫ ରିଖ, ବାର୍ଷିକ ଉତ୍ସବ ପାଳିତ । କୁନି କୁନି ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ସୁନ୍ଦର ସଂଗୀତ ଗାନ ସହ ଅତ୍ୟଧିକ ଉତ୍ସାହ ର ସହ ସାଂସ୍କୃତି କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା ଛାତ୍ରମାନଙ୍କୁ ବର୍ଷର ଶ୍ରେଷ୍ଠ ପଦର୍ଶକ , ବର୍ଷର ଶ୍ରେଷ୍ଠ ଛାତ୍ର,ଏବଂ ଗୀତ, ରଚ଼ନା ଲିଖନ, ଶ୍ରୁତ ଲିଖନ, ଚ଼ିତ୍ରାଙ୍କନ ଭଳି ପ୍ରତିଯୋଗିତା କରି ପୁରସ୍କାରରେ ସମ୍ମାନିତ କରାଯାଇଥିଲା ଏବଂ ଛାତ୍ର ଛାତ୍ରୀ ମାନେ ଅନ୍ୟାନ୍ୟ ନୃତ୍ୟ ଦ୍ୱାରା ଆଧାତ୍ମିକତା ଆଡ଼କୁ ପଥ ପ୍ରଦର୍ଶନ କରି ସେମାନଙ୍କର ଭକ୍ତି ପ୍ରଦର୍ଶନ କରିଥିଲେ । ମୁଖ୍ୟଅତିଥି ରୂପେ ସ୍ଥାନୀୟ ସରପଞ୍ଚ ଗଙ୍ଗାଧର କାଡ୍ରାକା,ପିତାମହଲ ସରପଞ୍ଚ ମ୍.ବି. ରାଓ, ପ୍ରଧାନ ଶିକ୍ଷକ ଅମରନାଥ ମଣ୍ଡାଙ୍ଗୀ ସହଯୋଗୀ ଶିକ୍ଷୟତ୍ରୀ ସୁଶାନ୍ତି ବିଡ଼ିକା ସହ କାର୍ଯ୍ୟକ୍ରମ ପରିଚ଼ାଳନା କରିଥିଲେ ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ ।

# ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ବିୟୋଗରେ ଗଭୀର ଶ୍ରଦ୍ଧାଞ୍ଜଳି ଓ ଶୋକସଭା

କୋଣାର୍କ,(ପି.ଏନ):କୋଣାର୍କର ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ବିୟୋଗରେ ଗଭୀର ଶ୍ରଦ୍ଧାଞ୍ଜଳି ଓ ଶୋକସଭା ସୋମବାର ସନ୍ଧ୍ୟାରେ ଅର୍କମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଅନୁସୂଚ଼ିତ ଜାତି ଓ ଜନଜାତି ବିକାଶ ସଂଗଠନ ସଭାପତି ପ୍ରତାପ କୁମାର କାଣ୍ଡିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳ ବଳ ନିର୍ବିଶେଷରେ କୋଣାର୍କର ସମସ୍ତ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ମାନେ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦଗତୀ କାମନା କରିବା ସହିତ ତାଙ୍କର ଅତୀତ ମନେପକାଇ ଗୁଣଗାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲକାଟି ମିଡ଼ିଆ ହାଉସ ସଭାପତି ମୋହନ ପ୍ରଧାନ, ବରିଷ୍ଠ କଂଗ୍ରେସ ନେତା ଭାସ୍କର ସେଠ୍, ବିଜେଡ଼ି ନେତା ପଦ୍ମ ଚ଼ରଣ ବେଉରା, ବିଶିଷ୍ଟ ସାମ୍ବାଦିକ ଏନ ଏ ଅନସାରୀ, ଘରୋଇ ବସ୍ ମାଲିକ ସଂଘ ସଭାପତି ଶରତ ଚ଼ନ୍ଦ୍ର ମାହାରୀ, ବିଜେପି ମଣ୍ଡଳ ସଭାପତି ଗୋପୀନାଥ ସ୍ୱାଇଁ, ଶିକ୍ଷାବିତ୍ ରାମକୃଷ୍ଣ ମହାନ୍ତି, ସୁରକ୍ଷା ସମିତି ସଭ୍ୟ ମଙ୍ଗରାଜ ସାହୁ, ପୁରୀ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ମହେଶ୍ୱର ସାମଲ, ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ନାୟକ, ସମାଜସେବୀ ହରିଶ୍ଚନ୍ଦ୍ର ଦାଶ, ଆଇନଜୀବୀ ଟୁଟୁ ମହାପାତ୍ର, ଯୁବ ସମାଜସେବୀ ବିଭାସଦେବ ମହାପାତ୍ର, ସିମିଳୀ ସରପଞ୍ଚ ବିଶ୍ୱଜିତ୍ ସ୍ୱାଇଁ, ସାମ୍ବାଦିକ ଓ ସାମାଜିକକର୍ମୀ ଜ୍ଞାନ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ଅବଦାନ ଓ ତାଙ୍କର କାର୍ଯ୍ୟଦକ୍ଷତା ଉପରେ ଆଲୋକପାତ କରିବା ସହିତ ତାଙ୍କର ଆତ୍ମାର ସଦଗତୀ କାମନା କରିଥିଲେ ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଡ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଳୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଡ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/ ୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।


2025-2026



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

